୬ ଭାରତୀୟ କ୍ରିକେଟ୍ ଟିମ୍‌କୁ ୧୧ କୋଟି ଦେବେ ରାଜ୍ୟସରକାର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୫୯ ● ୬ ଜୁଲାଇ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-159 ● 6th July 2024, Saturday ● Bhubaneswar

Licensed to post without pre-payment of postage No- BN-60/22-24






# ସାରା ରାଜ୍ୟରେ ପାଞ୍ଚ କୋଟି ଗଛ ଲଗାଇବାର ଲକ୍ଷ୍ୟ

**ଭୁବନେଶ୍ୱର, ୫।୭**
**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସାରା ଦେଶରେ 'ଏକ ପେଡ୍ ମା କେ ନାମ୍' ଅଭିଯାନ ଚାଲିଛି । ଏଥିରେ ବ୍ୟକ୍ତିଗତ ସ୍ତରରେ ଗଛ ଲଗାଇ ଫଟୋ ଅପଲୋଡ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଅଭିଯାନରେ ବର୍ତ୍ତମାନ ସୁଦ୍ଧା ଓଡିଶାରେ ସର୍ବାଧିକ ୧ ଲକ୍ଷ ୪୮ ହଜାର ଫଟୋ ଅପଲୋଡ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ସ୍ଥାନୀୟ ଡୁମୁଡୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୫ତମ ବନ ମହୋତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଜନତାଙ୍କ ସହଭାଗିତା ଖୁବ ଉତ୍ସାହଜନକ। ଓଡିଶାରେ ଏହା ଖୁବ ସଫଳ ହେଉଛି। ସବୁ ରାଜ୍ୟ ମଧ୍ୟରେ ଓଡ଼ିଶା ସବୁଠାରୁ ଆଗରେ ରହିଛି।





ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫ କୋଟି ଗଛ ଲାଗିବାର ଲକ୍ଷ୍ୟ ଅଛି। ଆମର ଲୋକସଂଖ୍ୟା ସାଢେ ଚାରି କୋଟି ହୋଇଥିବାରୁ, ଏହି ଅଭିଯାନରେ ଆମେ ଅତି କମରେ ସାଢେ ଚାରି କୋଟି ଗଛ ଲଗାଇବା ଦରକାର ବୋଲି ସେ କହିଥିଲେ । ସମସ୍ତେ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସାମିଲ ହୋଇ ଗଛ ଲଗାଇ ଫଟୋ ଅପଲୋଡ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ବନ ଅଧିକାରୀ ମିଳିତ ଭାବେ ତଦାରଖ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବଜ୍ରପାତଜନିତ ଦୁର୍ଘଟଣାରୁ ଜନସାଧାରଣଙ୍କୁ ରକ୍ଷା କରିବା ପାଇଁ ବନ ବିଭାଗ ତରଫରୁ ଏ ବର୍ଷ ରାଜ୍ୟରେ ଜଙ୍ଗଲ ବ୍ଲକ ଚତୁପାର୍ଶ୍ୱରେ ୧୯ ଲକ୍ଷ ତାଳଗଛ ଲଗାଯିବାର କାର୍ଯ୍ୟକ୍ରମ ରହିଛି । ଏହା ଆମର ବଜ୍ର କବଚ ହେବ ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଯେ ଦାରିଙ୍ଗବାଡିରେ ଚେରି ବ୍ଲସମ ଗଛ ଲଗାଯାଉଛି। ଦାରିଙ୍ଗବାଡିକୁ ବିଶ୍ୱ ଚେରି ବ୍ଲସମ ମାନଚିତ୍ରରେ ସ୍ଥାନିତ କରିବାକୁ ଏହା ଏକ ସୁନ୍ଦର ଅଭିଯାନ ବୋଲି ସେ କହିଥିଲେ। ସେହିପରି ସାରା ରାଜ୍ୟରେ ପ୍ରାୟ ୫ କୋଟି ଗଛ ଲଗାଇବାର ଯୋଜନା ରହିଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପରିବେଶର ସନ୍ତୁଳନ ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ଆମେ ସମସ୍ତେ ସଚେତନ ହେଲେ ପରିବେଶ ପରିବର୍ତ୍ତନକୁ ଆମେ ରୋକି ପାରିବା। ଏଥିପାଇଁ ସାଧାରଣ ଲୋକଙ୍କର ସହଯୋଗିତା ଓ ସହଭାଗିତା ଆବଶ୍ୟକ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ ଯେ ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ଆଧୁନିକ *(ପୃଷ୍ଠା ୭ରେ)*

# କୃଷକଙ୍କ ପାଇଁ ଖୁସିଖବର: ୬ ହଜାର ବଦଳରେ ଏବେ ମିଳିବ ୧୦ ହଜାର !

**ନୂଆଦିଲ୍ଲୀ, ୫।୭**

କେନ୍ଦ୍ରରେ ନୂତନ ସରକାର ଗଠନ ପରେ ସମସ୍ତେ ଉତ୍ସାହର ସହିତ ବଜେଟକୁ ଅପେକ୍ଷା କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କଣ ଘୋଷଣା କରିବେ ତାହା ଉପରେ ସମଗ୍ର ଦେଶବାସୀଙ୍କ ନଜର ରହିଛି। ଅନ୍ୟ ସମସ୍ତଙ୍କ ପରି, ୟୁପିର ବାଲିଆ ଜିଲ୍ଲାର ଜଣେ କୃଷକ ରାମପ୍ରକାଶ ମଧ୍ୟ ବଜେଟରୁ ବହୁତ ଆଶା ରଖିଛନ୍ତି । ସେ ଚାହୁଁଛନ୍ତି ଯେ, ପିଏମ କିଷାନ ସମ୍ମାନ ନିଧି ଯୋଜନାର କିସ୍ତି ବୃଦ୍ଧି କରାଯାଉ। ଏବେ କୃଷକ ବାର୍ଷିକ ୬୦୦୦ଟଙ୍କା ପାଉଛନ୍ତି, ସରକାର ଏହାକୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରିବା ଉଚିତ। ଏହା ସେମାନଙ୍କୁ ସାହାଯ୍ୟ କରିବ। ରାମପ୍ରକାଶଙ୍କ ପରି ଦେଶରେ ମଧ୍ୟ ଅନେକ କୃଷକ ଅଛନ୍ତି ଯେଉଁମାନେ ଏହି ବଜେଟ ସମ୍ବନ୍ଧରେ ଅର୍ଥମନ୍ତ୍ରୀଙ୍କ ଠାରୁ ବହୁତ ଆଶା ରଖିଛନ୍ତି ।



ମୁରାଦାବାଦରେ ରହୁଥିବା ରବି କିଶନଙ୍କ କହିବାନୁଯାୟୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ପରିସର ବୃଦ୍ଧି କରାଯିବା ଉଚିତ । କିସ୍ତି ପରିମାଣ ବୃଦ୍ଧି କରିବାର ଆବଶ୍ୟକତା ଅଛି। ଏହା କୃଷକମାନଙ୍କୁ ଚାଷ ସମ୍ବନ୍ଧୀୟ ଜିନିଷ କିଣିବାରେ ସାହାଯ୍ୟ କରିବ। ଏହା ବ୍ୟତୀତ ଯୋଗ୍ୟତା ମାନଦଣ୍ଡକୁ ଆହୁରି ଉନ୍ନତ କରାଯିବା ଉଚିତ ଯାହା ଦ୍ୱାରା ଏହିପରି କୃଷକମାନଙ୍କୁ ସାହାଯ୍ୟ କରାଯାଇପାରିବ ଯେଉଁମାନେ କେବଳ ଚାଷ ମାଧ୍ୟମରେ ନିଜର ରୋଜଗାର କରନ୍ତି । ଏହି ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୯ରେ ଆରମ୍ଭ ହୋଇଥିଲା। ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବା ପରେ ନରେନ୍ଦ୍ର ମୋଦି ଯୋଗ୍ୟ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୧୭ ତମ କିସ୍ତି ଜାରି କରିଥିଲେ।

## ପୁଲିସ ଇନଫର୍ମର ସନ୍ଦେହରେ ଗ୍ରାମବାସୀଙ୍କୁ ହତ୍ୟା କଲେ ନକ୍ସଲ



**ମାଲକାନଗିରି, ୫।୭**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ରେ ପୁଣି ନକ୍ସଲ ହିଂସା ଦେଖିବାକୁ ମିଳିଛି । ପୁଲିସ ଇନଫର୍ମର ସନ୍ଦେହରେ ଜଣେ ଗ୍ରାମବାସୀଙ୍କୁ ନକ୍ସଲ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି । ଛତିଶଗଡ଼ ସରକାରଙ୍କ ତରଫରୁ ଲଗାତାର ନକ୍ସଲ ଦମନ ଅଭିଯାନରେ ଚଢାଉ କରାଯାଇ ନକ୍ସଲଙ୍କୁ ମରାଯାଉଥିବା ଯୋଗୁଁ ନକ୍ସଲ ଏବେ ଘାଇଲା ବାଘ ଭଳି ହୋଇଛନ୍ତି। ସେମାନଙ୍କର ସମସ୍ତ ଠିକଣା ପୁଲିସକୁ ମିଳୁଛି।

ତେବେ ନକ୍ସଲଙ୍କ ଗୁପ୍ତ ଠିକଣା କିପରି ପୁଲିସ ପାଉଛି ବୋଲି ନକ୍ସଲ ଏବେ ଗ୍ରାମବାସୀଙ୍କୁ ଟାର୍ଗେଟ କରୁଛନ୍ତି। ଗତ କିଛି ଦିନ ତଳେ ନାରାୟଣପୁର ଜିଲ୍ଲାରେ ୫ ଜଣ ନକ୍ସଲଙ୍କୁ ପୁଲିସ ମାରିଥିଲା । ଏଥିରେ ନକ୍ସଲ ଉତ୍ତେଜିତ ହୋଇ ପୁଲିସ ଇନଫର୍ମରକୁ ଖୋଜୁଥିଲେ। ଆବୁଝମାଡ ଅଞ୍ଚଳର ଧୁଲଧୁଲି ଅଞ୍ଚଳର ଚେତୁରାମ ମାଣ୍ଡବୀ ନାମକ ଜଣେ ଗ୍ରାମବାସୀଙ୍କୁ ନକ୍ସଲ ହତ୍ୟା କରି ଏହି *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# କନଜରଭେଟିଭ ପାର୍ଟିକୁ ମାତ୍ ଦେଇ ବ୍ରିଟେନରେ ବିଜୟ ଧ୍ୱଜା ଉଡାଇଲା ଲେବର ପାର୍ଟି

**ନୂଆଦିଲ୍ଲୀ, ୫।୭**

ବିଟ୍ରେନରେ ସରିଲା ସୁନକ ରାଜ। ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ନେଇ ଘୋଷଣା କରିଛନ୍ତି ଋଷି ସୁନକ। କନଜରଭେଟିଭ ପାର୍ଟିକୁ ମାତ ଦେଇ ବ୍ରିଟେନରେ ବିଜୟ ଧ୍ୱଜା ଉଡାଇଛି ଲେବର ପାର୍ଟି । ଏହାସହ ଲେବର ପାର୍ଟିର ନେତା କେୟର ଷ୍ଟାରମରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଋଷି ସୁନକ ପରାଜୟ ପାଇଁ ନିଜକୁ ଦାୟୀ କରିଛନ୍ତି। ଗୁରୁବାର ହାଉସ ଅଫ କମନସ ପାଇଁ ମତଦାନ ହୋଇଥିଲା। ୬୫୦ ଆସନ ପାଇଁ ୪୦ ହଜାରରୁ ଅଧିକ ବୁଥରେ ମତଦାନ ହୋଇଥିଲା।

ଲେବର ପାର୍ଟିର ନେତା କେୟର ଷ୍ଟାରମର କହିଛନ୍ତି, ମତଦାତା ମାନେ ନିଜର ନିଷ୍ପତ୍ତି ଜଣାଇଛନ୍ତି ଏବଂ ପରିବର୍ତ୍ତନ ସପକ୍ଷରେ ଭୋଟ ଦେଇଛନ୍ତି । ଲେବର ପାର୍ଟି ତରଫରୁ କେୟର ଷ୍ଟାରମର ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ୬୫୦ ଆସନ ବିଶିଷ୍ଟ ହାଉସ ଅଫ କମନସରେ ସରକାର ଗଠନ ପାଇଁ ୩୨୬ ଆସନର ଆବଶ୍ୟକତା ରହିଛି । ଯେଉଁ ଆସନ ଲେବର ପାର୍ଟି ପାର କରୁଥିବା ନେଇ ପ୍ରାରମ୍ଭିକ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି ।





ଅନୁପ୍ରବେଶକାରୀଙ୍କୁ ରୋକିବାରେ ବିଫଳ, କରୋନାକୁ ସଠିକ ଭାବେ ପରିଚାଳନା ନକରିପାରିବା, ବ୍ରେକଜିଟ ପାଇଁ ଘରୋଇ ବ୍ୟବସାୟୀ ପ୍ରଭାବିତ ହେବା ଭଳି କାରଣ ପାଇଁ ଭାରତୀୟ ବଂଶୋଦ୍ଭବ ଋଷି ସୁନକଙ୍କ ବିରୋଧରେ *(ପୃଷ୍ଠା ୭ରେ)*

# ପ୍ରତିରକ୍ଷା କ୍ଷେତ୍ରରେ ବଡ଼ ଉପଲବ୍ଧି ହାସଲ କଲା ଭାରତ

**ନୂଆଦିଲ୍ଲୀ, ୫।୭**

୨୦୨୩-୨୪ ଆର୍ଥିକ ବର୍ଷରେ ଦେଶରେ ୧.୨୭ ଲକ୍ଷ କୋଟି ଟଙ୍କା ମୂଲ୍ୟର ଅସ୍ତ୍ରଶସ୍ତ୍ର ଏବଂ ପ୍ରତିରକ୍ଷା ଉପକରଣ ଉତ୍ପାଦନ କ୍ଷେତ୍ରରେ ରେକର୍ଡ ହାସଲ କରାଯାଇଛି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହା ପ୍ରକାଶ କରିଛନ୍ତ। ସେ କହିଛନ୍ତି ଆର୍ଥିକ ବର୍ଷରେ ଏହା ସର୍ବାଧିକ ପ୍ରତିରକ୍ଷା ଉତ୍ପାଦନ। ମେକ ଇନ ଇଣ୍ଡିଆ ଅଭିଯାନ ଅଧୀନରେ ଏହା ଏକ ମାଇଲଖୁଣ୍ଟ ବୋଲି ସେ କହିଛନ୍ତି। ଭାରତକୁ ବିଶ୍ୱରେ ପ୍ରତିରକ୍ଷା ଉତ୍ପାଦନ କେନ୍ଦ୍ରରେ ପରିଣତ କରିବାକୁ ସରକାର ପ୍ରତିବଦ୍ଧ।



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋସିଆଲ ମିଡିଆରେ ସେୟାର କରିଥିବା ଏକ ପୋଷ୍ଟରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମେକ ଇନ ଇଣ୍ଡିଆ କାର୍ଯ୍ୟକ୍ରମ ବର୍ଷକୁ ବର୍ଷ ନୂଆ ମାଇଲଖୁଣ୍ଟ ଅତିକ୍ରମ କରୁଛି। ୨୦୨୩-୨୪ରେ ପ୍ରତିରକ୍ଷା ଉତ୍ପାଦନରେ ଭାରତ ସର୍ବାଧିକ ବୃଦ୍ଧି ରେକର୍ଡ କରିଛି । ୨୦୨୩-୨୪ରେ ୧,୨୬,୮୮୭ କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ଉତ୍ପାଦନ, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୮ ପ୍ରତିଶତ ଅଧିକ। ଏହି ସଫଳତା ପାଇଁ ପ୍ରତିରକ୍ଷା ଉତ୍ପାଦନ କରୁଥିବା ସାର୍ବଜନୀନ କ୍ଷେତ୍ର ପ୍ରତିରକ୍ଷା କମ୍ପାନୀ ଏବଂ ଘରୋଇ କ୍ଷେତ୍ର କମ୍ପାନୀଗୁଡ଼ିକୁ ରାଜନାଥ ସିଂ ଅଭିନନ୍ଦନ ଜଣାଇଛନ୍ତି।

## ବିଦ୍ୟାଳୟରେ ଉପସ୍ଥାନ ବଢାଇବା ପାଇଁ ଯାତାୟତ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର

**ଭୁବନେଶ୍ୱର, ୫।୭**
**ନ୍ୟୁଜ୍ ବ୍ୟୁରୋ**

ସ୍କୁଲ ଯିବାର ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର। ବିଦ୍ୟାଳୟରେ ଉପସ୍ଥାନ ବଢାଇବା ପାଇଁ ଆରମ୍ଭ ହେଲା ନିଆରା ବ୍ୟବସ୍ଥା। ୩୦ ଜିଲ୍ଲାର ୩୫ ହଜାର ୭୬ ଜଣ ଛାତ୍ରଛାତ୍ରୀ ପାଇବେ ଏହି ସୁବିଧା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସରକାରୀ ବିଦ୍ୟାଳୟ ଜନବସତିରୁ ବହୁ ଦୂରରେ ଥିବାରୁ ଛାତ୍ରଛାତ୍ରୀମାନେ ଅଧାରେ ପାଠପଢା ଛାଡ଼ିଦିଅନ୍ତି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ଆରମ୍ଭ କରିଛି ନିଆରା ବ୍ୟବସ୍ଥା । ଉପସ୍ଥାନ ବଢାଇବା ପାଇଁ ସ୍କୁଲ ଯାତାୟତ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର । ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଯଦି ୧ କିଲୋମିଟରରୁ ଅଧିକ ଯିବାକୁ ପଡୁଥିବ ତେବେ ସେହି ଛାତ୍ରଛାତ୍ରୀ ଅର୍ଥରାଶି ପାଇବେ।



ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ୩ କିଲୋମିଟର ଓ ସେକେଣ୍ଡାରୀ ସ୍କୁଲର ଛାତ୍ରଛାତ୍ରୀ ୫ କିଲୋମିଟରରୁ ଅଧିକ *(ପୃଷ୍ଠା ୭ରେ)*

# ଆସାମ, ଅରୁଣାଚଳରେ ୩୫ ମୃତ

**ସିମିଳା/ଗୁଆହାଟୀ, ୫।୭**

ହିମାଚଳ ପ୍ରଦେଶ ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ବର୍ଷା ଓ ବନ୍ୟା ବିପ୍ରାତ ଜାରି ରହିଛି । ଦୁଇ ରାଜ୍ୟରେ ବର୍ଷା ଓ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ୩୫କୁ ବୃଦ୍ଧିପାଇଛି । ଅନୁରୂପ ଭାବରେ ନାଗାଲାଣ୍ଡରେ ଚଳିତ ବର୍ଷା ଓ ବନ୍ୟାରେ ୫ଜଣଙ୍କର ପ୍ରାଣହାନି ଘଟିଥିବା ଖବର ହସ୍ତଗତ ହୋଇଛି । ଅରୁଣାଚଳ ପ୍ରଦେଶରେ ସମସ୍ତ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ରାଜ୍ୟରେ ଅଧିକ ବର୍ଷା ସମ୍ଭାବନା ଏବଂ ଏହି କାରଣରୁ ଭୂସ୍ଖଳନ ଆଶଙ୍କା ଥିବାରୁ ଜନସାଧାରଣଙ୍କୁ ସତର୍କ କରିଦିଆଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଏନଡିଆରଏଫ ଏବଂ ସେନା ଯବାନମାନେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଇତି ମଧ୍ୟରେ ଆସାମ ରାଇଫଲ୍ସର ଯବାନମାନେ ୫୦୦ରୁ ଅଧିକ ଲୋକଙ୍କୁ ବନ୍ୟା ଘେରରୁ ଉଦ୍ଧାର କରିଛନ୍ତି ।



ଚଳିତ ମୌସୁମୀ ଋତୁ ଆରମ୍ଭରେ ପ୍ରବଳ ବର୍ଷା ଓ ବନ୍ୟାରେ ହିମାଚଳ ପ୍ରଦେଶରେ ଭୂସ୍ଖଳନ ଓ ରାସ୍ତା ଧୋଇଯିବା କାରଣରୁ ମୋଟ ୧୧୫ଟି ରାସ୍ତାକୁ ଗମନାଗମନ ନିମନ୍ତେ ବନ୍ଦ କରିଦିଆଯାଇଛି। ସେଥି ମଧ୍ୟରେ ମଣ୍ଡିରେ ୧୦୭, ଚମ୍ବାରେ ୪ ଓ ସୋଲାନରେ ୩ଟି ରାସ୍ତା ରହିଛି । ଏଥିସହିତ ରାଜ୍ୟରେ ୨୧୨ଟି ଟ୍ରାନ୍ସଫର୍ମରରେ ବିଭ୍ରାଟ ଘଟିବାରୁ ବିଦ୍ୟୁତ ଯୋଗାଣ ପ୍ରଭାବିତ ହୋଇଛି । ସିମଳା *(ପୃଷ୍ଠା ୭ରେ)*

## ବିଜେପି ସାଂଗଠନିକ ସ୍ତରରେ ଅଦଳବଦଳ

**ନୂଆଦିଲ୍ଲୀ, ୫।୭**

ସାଧାରଣ ନିର୍ବାଚନ ପରେ ବିଜେପି ପକ୍ଷରୁ ସାଂଗଠନିକ ସ୍ତରରେ କେତେକ ପରିବର୍ତ୍ତନ କରାଯାଇଛି । ଦଳ ୨୪ଟି ରାଜ୍ୟର ପ୍ରଭାରୀ ଓ ସହ ପ୍ରଭାରୀ ନିଯୁକ୍ତ କରିଛି। ବିଜୟପାଲ ସିଂ ତୋମର ଓଡ଼ିଶା ପ୍ରଭାରୀ ନିଯୁକ୍ତ ହୋଇଥିବାବେଳେ ଲତା ଉସେଣ୍ଡି ସହ ପ୍ରଭାରୀ ନିଯୁକ୍ତ ହୋଇଛନ୍ତି । ଏହା ପୂର୍ବରୁ ବିଜୟପାଲ ଓଡ଼ିଶା ପାଇଁ ନିର୍ବାଚନ ପ୍ରଭାରୀ ଥିଲେ।

ପୁରୀ ସାଂସଦ ସମ୍ବିତ ପାତ୍ର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସଂଯୋଜକ ନିଯୁକ୍ତ ହୋଇଥିବାବେଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ କେରଳର ସହ ପ୍ରଭାରୀ ନିଯୁକ୍ତ *(ପୃଷ୍ଠା ୭ରେ)*

## ଏକାଳ ସେକାଳ



ଏତେ ବରଷ ଶାସନ କରି
ଖୋଲିପାରିଲେନି ତାଲା
ଏବେ ଯଦି କେହି ପ୍ରୟାସ କରଇ
କରନ୍ତି ପ୍ରବଳ ହଲ୍ଲା
ଅଯଥାରେ ଖାଲି ପାଲା
ଏହାକୁ ଖାତିର ନକରି ପଦୁଁଅ
ପାଖୁଡା କରଇ ମେଲା।

# ସରୋଗେସି ଦ୍ୱାରା ମା' ହୋଇଥିବା ମହିଳାଙ୍କୁ ବି' ମିଳିବ ପ୍ରସବକାଳୀନ ଛୁଟି



**କଟକ, ୫।୭ : ନ୍ୟୁଜ୍ ବ୍ୟୁରୋ**

ସରୋଗେସି ମାଧ୍ୟମରେ ମା' ହୋଇଥିବା କର୍ମଚାରୀଙ୍କୁ ପ୍ରାକୃତିକ ଉପାୟରେ ମା' ହୋଇଥିବା ମହିଳାଙ୍କ ଭଳି ପ୍ରସବକାଳୀନ ଛୁଟି (ମାଟର୍ଣ୍ଣିଟି ଲିଭ୍) ସୁବିଧା ମିଳିବ। ହାଇକୋର୍ଟର ବିଚାରପତି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ସମ୍ବିଧାନର ଧାରା ୨୧ ମାତୃତ୍ୱ ଅଧିକାର ସହିତ ସବୁ ଶିଶୁଙ୍କ ପୂର୍ଣ୍ଣାଙ୍ଗ ବିକାଶ ସଂପର୍କିତ ଅଧିକାର ପ୍ରଦାନ କରିଛି। ଯଦି ସରକାର ପ୍ରାକୃତିକ ଉପାୟରେ ବା ପୋଷ୍ୟ ସନ୍ତାନ ଗ୍ରହଣ କରି ମା' ହୋଇଥିବା ମହିଳାଙ୍କୁ ପ୍ରସବକାଳୀନ ଛୁଟି ପ୍ରଦାନ କରୁଛନ୍ତି ତେବେ ସରୋଗେସି ପ୍ରକ୍ରିୟା ଦ୍ୱାରା ସନ୍ତାନ ପ୍ରାପ୍ତି କରିଥିବା ମହିଳାଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରିବା ଆବଶ୍ୟକ । ସେମାନଙ୍କୁ ବି ପ୍ରସବକାଳୀନ ଛୁଟି ମଞ୍ଜୁର କରାଯିବା ଉଚିତ। ସରୋଗେସି ମାଧ୍ୟମରେ ମାତୃତ୍ୱ ଲାଭ କରିଥିବା ଆବେଦନକାରୀଙ୍କୁ ୧୮୦ ଦିନର ପ୍ରସବକାଳୀନ ଛୁଟି ମଞ୍ଜୁର ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶର କପି ପାଇବାର ତିନି ମାସ ଭିତରେ ଆବେଦନକାରୀଙ୍କୁ ଏହି ସୁବିଧା ପ୍ରଦାନ କରାଯିବ। ଏଥି ସହିତ ପ୍ରାକୃତିକ ଉପାୟରେ ଶିଶୁ ଜନ୍ମ ଭଳି ସରୋଗେସି *(ପୃଷ୍ଠା ୭ରେ)*

## ରଥଯାତ୍ରାରେ ଭିଜିବ ବଡ଼ଦାଣ୍ଡ ବର୍ଷାରେ ଘୋଷଯାତ୍ରା ଦେଖିବେ ଶ୍ରଦ୍ଧାଳୁ



**ଭୁବନେଶ୍ୱର, ୫।୭ : ନ୍ୟୁଜ୍ ବ୍ୟୁରୋ**

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଫଳରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ହାଲୁକାରୁ ମଧ୍ୟମଧରଣର ବର୍ଷା ଜାରି ରହିବ। ଏହି ବର୍ଷା ୭ ତାରିଖ ଯାଏଁ ଲାଗି ରହିବ। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆଞ୍ଚଳିକ *(ପୃଷ୍ଠା ୭ରେ)*

# ଘରୋଇକରଣକୁ ନେଇ କେନ୍ଦ୍ର ନରମ

ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ହେବାକୁ ଯାଉଥିବାରୁ ଘରୋଇକରଣକୁ ନେଇ କେନ୍ଦ୍ର ସରକାର ନରମ ମନୋଭାବ ପୋଷଣ କରିଛନ୍ତି। କୌଣସି ସଂସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଘରୋଇ ସଂସ୍ଥା ହାତକୁ ଟେକି ଦେବା ବଦଳରେ ଅଳ୍ପ କିଛି କିଛି ଅଂଶଧନ ବିକ୍ରି କରିବା ଉପରେ ସରକାର ଜୋର ଦେଉଛନ୍ତି।

ଭାରତ ପେଟ୍ରୋଲିୟମ୍, ସିପିଙ୍ଗ କର୍ପୋରେସନ ଅଫ୍ ଇଣ୍ଡିଆ ଓ କଙ୍କରର ଘରୋଇକରଣ ଉପରେ ଆଉ ବିଶେଷ ଧ୍ୟାନ ଦିଆଯାଉନାହିଁ। ଏଭଳି ବଡ଼ ପୁଞ୍ଜିପ୍ରତ୍ୟାହାର ବିଷୟରେ ୨୦୨୪ ଏପ୍ରିଲ୍ କିମ୍ୱା ମେ' ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ଚଳିତ ଆର୍ଥିକ ବର୍ଷରେ ପୁଞ୍ଜି ପ୍ରତ୍ୟାହାରରୁ ୫୧ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ସରକାର ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିରୁ ମାତ୍ର ୧୦,୦୪୯ କୋଟି ଟଙ୍କା ସଂଗ୍ରହ ହୋଇଛି। ଏନ୍‌ଏମ୍‌ଡିସି ଷ୍ଟିଲ୍, ବିଇଏମ୍‌ଏଲ୍, ଏଚ୍‌ଏଲ୍‌ଏଲ୍ ଲାଇଫ୍‌କେୟାର, ଆଇଡିବିଆଇ ବ୍ୟାଙ୍କ ଅଂଶଧନ ବିକ୍ରି ମଧ୍ୟ ଚଳିତ ଆର୍ଥିକ ବର୍ଷରେ ଶେଷ ହେବା ଭଳି ମନେହେଉନାହିଁ।

ଆଇଡିବିଆଇ ବ୍ୟାଙ୍କ ପାଇଁ ଚଳିତ ବର୍ଷ ଜାନୁଆରିରୁ ବିଡ୍ ଆହ୍ୱାନ କରାଯାଇଥିଲେ ମଧ୍ୟ ସରକାର ଓ ରିଜର୍ଭ ବ୍ୟାଙ୍କରୁ ଅନୁମୋଦନ ମିଳୁନାହିଁ। ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍?ର ଘରୋଇକରଣକୁ କର୍ମଚାରୀ ସଂଘ ତୀବ୍ର ବିରୋଧ କରୁଛି। ୨୦୨୨ରେ ୧୨,୧୦୦ କୋଟି ଟଙ୍କାରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌କୁ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ୍ କିଣି ତାହାର ପୁନରୁଦ୍ଧାର କରିଛି। ସେହି ସଫଳତା କାହାଣୀ ଆଧାରରେ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍‌କୁ ବିକ୍ରି କରିବା ଲାଗି ସରକାର ଉଦ୍ୟମ କରୁଛନ୍ତି। କିନ୍ତୁ କର୍ମଚାରୀମାନେ ଦାବି କରୁଛନ୍ତି କାରଖାନାକୁ କେ?ଣସି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଦିଆଯାଉ। ୨୦୨୨ରେ ଏୟାର ଇଣ୍ଡିଆ ଓ ନୀଳାଚଳ ଇସ୍ପାତର ଘରୋଇକରଣ କରିବାରେ ସରକାର ସଫଳ ହୋଇଥିଲେ। ୨୦୨୩ରେ କିନ୍ତୁ ଗୋଟିଏ ବି ସେଭଳି ସଫଳତା ମିଳିନାହିଁ। ଗତ ୧୦ ବର୍ଷରେ ସରକାର ପୁଞ୍ଜି ପ୍ରତ୍ୟାହାରରୁ ୪.୨୦ ଲକ୍ଷ କୋଟି ଟଙ୍କା ପାଇଛନ୍ତି। ସେଥିରୁ ୩.୧୫ ଲକ୍ଷ କୋଟି ଟଙ୍କା ଅଳ୍ପ ଅଂଶଧନ ବିକ୍ରିରୁ ଆସିଥିବା ବେଳେ ଏୟାର ଇଣ୍ଡିଆ ସମେତ ୧୦ଟି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିକ୍ରିରୁ ୬୯,୪୧୨ କୋଟି ଟଙ୍କା ମିଳିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ
**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**


ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହ୍ରଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ୱ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ୱକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ୱକର
ନିଶ୍ଚେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)


(କ୍ରମଶଃ)

# କାବ୍ୟ କୌଣ୍ଡିନ୍ୟ-୫୧

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ସୋମାଙ୍କ ସହ କୌଣ୍ଡିନ୍ୟଙ୍କ ଜଗନ୍ନାଥ ଜଣାଣ ଗାୟନ

**ଏଣୁ ତେଣୁ**



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

ବିଷୟ ବସ୍ତୁକୁ ସରସ ସୁନ୍ଦର କରିବାକୁ ଇତିହାସ ନୀରବ ଥିଲେ ମଧ୍ୟ ସୋମାଙ୍କ ରାଜ୍ୟାଭିଷେକ ପର୍ଯ୍ୟନ୍ତ ଘଟଣାବଳୀ କବି କଳ୍ପନାରେ ଯାହା ସବୁ ସ୍ଥାନିତ କରାଯାଇଛି ସେ ଗୁଡିକର କଳିଂଗୀକରଣ କରିବାର ପ୍ରୟାସ ମୁଁ କରିଅଛି। ପୂର୍ବ ଗୀତରେ କଳିଙ୍ଗବୀର ଜଗନ୍ନାଥଙ୍କୁ ଅଭିଷେକ ମଞ୍ଚରେ ପ୍ରଧାନସ୍ଥାନ ଦେଇ ବିରାଟ ମୂର୍ତ୍ତି ସ୍ଥାପନ କରିବାର ସୂଚିତ ହୋଇଛି। ଚଳିତ ଗୀତରେ ଅଭିଷେକ କାର୍ଯ୍ୟମାନ ହେବା ପୂର୍ବରୁ କୌଣ୍ଡିନ୍ୟ ଓ ଭାବୀ ମହାରାଣୀ ସୋମା କିପରି ଜଗନ୍ନାଥଙ୍କୁ ପୂଜା କରିବା ପୂର୍ବକ ତାଙ୍କର ଜଣାଣ ଗାୟି ଅଛନ୍ତି, ତାହା ପ୍ରତିପାଦିତ ହୋଇଅଛି।

କୌଣ୍ଡିନ୍ୟଙ୍କ ମୁଖରେ ସ୍ଥାନିତ ହୋଇଥିବା ଏ ଜଣାଣଟି ଯଥାସାଧ୍ୟ ଭାବପୂର୍ଣ୍ଣ କରିବାକୁ ମୁଁ ପ୍ରୟାସ କରିଛି। ଏହାର ତାତ୍ପର୍ଯ୍ୟ ଏହି ଯେ ପ୍ରତ୍ୟେକ ପଦ ଗୁଡିକ ୬ଟି ଅଂଶ ବିଶିଷ୍ଟ ଅଟେ ଓ ସମସ୍ତ ଅଂଶର ପ୍ରଥମ ଅକ୍ଷର 'କ' ଅଟେ।

ଏହି ଗୀତ ପଠନ କରନ୍ତୁ।

କମଳିନୀପତି          କରୁଣା ବାରିଧି
କମଳନୟନ ଜଗନ୍ନାଥ
କମ୍ବୁ ଗଦା ଚକ୍ର          କଂଜ କରେ ଧୃତ
କରୋମ୍ୟହଂ ତୁଭ୍ୟଂ ପ୍ରଣିପାତ ।।୧।।

କାହିଁକି ହେ ପ୍ରଭୁ          ଖ୍ୟାତି ଏତେ ଦେଲ
କିଛି ତ ନଥିଲା ମୋ ଯାଚନା
କେବଳ ତୁମକୁ          କରୁଥିଲି ଜପ
କେବେ ନ ରଖି ମନେ ବାସନା ।।୨।।

କିଛି ବର୍ଷ ତଳେ          କଲି ମୁଁ ବିଦ୍ରୋହ
କଳିଂଗେ ଜନତାଙ୍କ ହିତାର୍ଥ
କୋପିତ ନୃପଙ୍କ          କବଳୁ ବଂଚିଲି
କରିଣ ନିଜକୁ ନିର୍ବାସିତ ।।୩।।

କଷ୍ଟମନେ ମୁଁ ଯେ          କହିଥିଲି ତୁମ୍ଭେ
କଠୋର ବଚନ ଅଭିମାନେ
କିନ୍ତୁ ମୁଁ ଯେ ମୂଢ          କେମିତି ଜାଣିବି
କଅଣ ଥିଲା ତ ତୁମ୍ଭ ମନେ ।।୪।।



କଲ ଆର୍ଶୀବାଦ          କୃପା ବରଷିଲ
କମ୍ବୁଜେ ଆଣି ଦେଲ ସମ୍ମାନ
କୁଭାଷାକୁ ମୋର          କରି ଅଣଦେଖା
କପାଳେ ଖଂଜିଲ ରାଜାସନ ।।୫।।

କଥା ଦେଉଅଛୁ          କଦାଚନ ଆମ୍ଭେ
କିଛି ମାଗିବୁନି ନିଜ ପାଇଁ
କୁଶଳରେ ରଖ          କମ୍ବୁଜ ବାସୀଙ୍କୁ
କୃପା କରି ହେ ଜଗତ ସାଇଁ ।।୬।।

କେବଳ ଏତିକି          କରୁଛୁ ବିନତି
କରନ୍ତୁ ସେ ତୁମ୍ଭ ପୂଜନ
କଷଣ ନ ଆସୁ          କେବେ ହେଲେ ତାଙ୍କୁ
କ ଆଦ୍ୟେ ରଚେ ଦୁର୍ଗାଚରଣ ।।୭।।

**ଶବ୍ଦାର୍ଥ :**

**ପଦ (୧) :** କମଳିନୀ ପତି -ଲକ୍ଷ୍ମୀଙ୍କ ସ୍ୱାମୀ (ଜଗନ୍ନାଥ)। ବାରିଧି-ସମୁଦ୍ର। କମ୍ବୁ-ଶଂଖ। କଂଜ- ପଦ୍ମ। କରେ-ହାତରେ। କରୋମ୍ୟହଂ-କରୋମି +ଅହଂ, ମୁଁ କରୁଛି। ତୁଭ୍ୟମ୍-ତୁମକୁ।

**ପଦ (୨)ରୁ (୪) :** ଯାଚନା-ମାଗିବା। ବାସନା-ଇଛା। ହିତାର୍ଥ-ହିତ ପାଇଁ। କୋପିତ- ରାଗିଥିବ। ମୂଢ଼-ମୂର୍ଖ।

# ଏ ଛଇ ରହିଲେ ହେଲା !



**ମାୟାଧର ନାୟକ**
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩
E-mail : mayadharnayak2014@gmail.com

ଅଜବ ଏ ଦୁନିଆ। ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ଯେଉଁମାନେ ଛଇ ଦେଖାଇ ଥରହର କରୁଥିଲେ – ସେମାନଙ୍କ ଛାଲ ଛାଡିଗଲା। ପୁରାଣରୁ ଏସବୁ କଥା ଶୁଣୁଛେ। ଏ ଘୋର କଳିକାଳଯୁଗରେ ଗଲା ତିନିଯୁଗର ଛଇଛଟକବାଲାଙ୍କ ସବୁଗୁଣରୁ ହଜାରଗୁଣ ଅଧିକ ଛଟକିଆ ଅଛନ୍ତି। ସେମାନଙ୍କ ଛଟକ ଦେଖିଆସୁଛେ। କିଏ କେତେ କଳଙ୍କିତମାନେ ଇତିହାସର ଅଳିଆଗଦାରେ ପଡିଛନ୍ତି - ତା'ର ହିସାବ କେବଳ ଇତିହାସ ରଖିଛି। ଯେଉଁମାନେ ଗର୍ବଅହଂକାରରେ ଫାଟିପଡି ଛକେ ଛକେ ଛଟକ ଦେଖାଇ ଜନସମ୍ମୁଖରେ ଘୃଣାର ପାତ୍ରଭାବେ ପରିଚିତ ହୋଇ ପରପାରିକୁ ଚାଲିଗଲେଣି – ସେମାନଙ୍କୁ ଇତିହାସ କେବେ କ୍ଷମାଦେଇନି କି ଦେବନାହିଁ।

ଏଇ ୨୦୨୪ରେ ଯେଉଁ ଛଟକିଆ ସାରାବିଶ୍ୱରେ ଛଟକ ଦେଖାଉଛନ୍ତି – ସେମାନଙ୍କ ଖେଳାଲୀଳା ପୂରିଆସୁଛି – ସେମାନେ ମହାପାପରେ ଘାଂଟିହୋଇ ନର୍କଭୋଗ କରିବେ। ଏ ମୋ ବାଣୀ ନୁହେଁ – ଏ ଗୀତା ଭାଗବତ ବାଣୀ। ଆମ ଦେଶରେ ମଧ୍ୟ ରାଜନେତା, ଧାର୍ମିକ, ବେପାରୀ, ବିପ୍ଳବୀ, କର୍ମଚାରୀ, ସମାଜସେବୀ, ସାହିତ୍ୟିକ, ସାମ୍ବାଦିକ ହାଉଯାଉ। ଏମାନଙ୍କ ଭିତରୁ ୯୫ ଭାଗ ନକଲି। ଏମାନେ ଗାଦି ମାଡିବସି ମଂଚ ଦଖଲ କରିନେଇଛନ୍ତି। ଏମାନଙ୍କ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଶୋଷଣ, କଷଣ, ଠକାମି, ଗୁଣ୍ଡାମି, ଯୌନ କେଳେଙ୍କାରୀରେ ମା' ମେଦିନୀ ଥରହର। ଆଜି ଦେଶରେ ଶ୍ରମଜୀବୀ ୯୫ ଭାଗ ଲୋକ ଅଭାବଅନଟନରେ ଶଢୁଛନ୍ତି – ବାକି ୫ ଭାଗ ଲୋକ ମଉଜମଜ୍‌ଲିସ କରି ଛଟକ ଦେଖାଉଛନ୍ତି। ଅନ୍ୟଦେଶର ରାଜନେତାମାନେ ଅଧିକାଂଶ ପାଗଳ। ଆମେରିକା ରାଷ୍ଟ୍ରପତି ୮୦ ବର୍ଷର ବାଇଡେନ୍ ପୁଣି ରାଷ୍ଟ୍ରପତି ହେବାକୁ ମନ ବଳେଇଲେଣି। ଏବେ ଆମେରିକା ଦୁଆଳିଆ ହେବାକୁ ଯାଉଛି। ଲୋକେ ବ୍ୟାଙ୍କରୁ ଋଣନେଇ ଶୁଝୁନାହାଁନ୍ତି। ଅର୍ଥନୀତି ଚରମ ବିପର୍ଯ୍ୟୟ ଅବସ୍ଥାରେ ପହଂଚିଗଲାଣି। ଯେଉଁ ଆମେରିକା ଦିନେ ବିଶ୍ୱକୁ ନଚାଉଥିଲା – ସେ ଆଜି ଧ୍ୱଂସଆଡକୁ ଦଉଡୁଛି। ଆମେରିକାର ଆର୍ଥିକ ସଂକଟ, ଜାତିସଂଘ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନ୍ୟାନ୍ୟ ଦେଶକୁ ଦୁର୍ବଳକରି ଘୋର ଅସ୍ଥିରତା ସୃଷ୍ଟି କରିବ। ଗରିବ ସାହାଯ୍ୟପ୍ରାପ୍ତ ଦେଶଗୁଡ଼ିକରେ କ୍ଷୁଧା, ଅନାହାର ଓ ଦାରିଦ୍ର୍ୟ ବଢିଯିବ। ରୁଷିଆର ପୁଟିନ୍, ଚୀନ୍‌ର ଜିନ୍‌ପିଙ୍ଗ୍, ଉତରକୋରିଆ ରାଷ୍ଟ୍ରପତି କିମ୍ ଆହୁରି ଅନେକଙ୍କ ପାଗଳାମିକୁ ପ୍ରତିନିୟତ ଏ ବିଶ୍ୱ ଦେଖୁଛି। ଆମ ଦେଶରେ ମଧ୍ୟ ବହୁନେତାଙ୍କ ପାଗଳାମିରେ ଦେଶବାସୀ ଭୀଷଣ ବିରକ୍ତ। ଏମାନଙ୍କ ଛଇଛଟକ ଦେଖି ଦେଖି ମନରେ ଘୃଣାଜାତ ହେଉଛି।

ଆମର ପ୍ରିୟ ଭାରତଭୂଇଁ ଏବେ ଜନସଂଖ୍ୟାରେ ସାରାବିଶ୍ୱରେ ପ୍ରଥମ। ୧୪୨ କୋଟି ୮୬ ଲକ୍ଷ। ସୁଖୀ ଦେଶ ତାଲିକାରେ ୧୩୬ ନମ୍ବରରେ ଅଛି। ଆମେସବୁ ଦୁଃଖୀ ଭାରତୀୟ। ଏଇ ଦେଶରେ ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ରତନ ଟାଟା ଭଳି ସହସ୍ର କୋଟି ଟଙ୍କାର ମାଲିକ ଅଛନ୍ତି। ଏମାନଙ୍କ ସଂଖ୍ୟା ହଜାରେ ପାଖାପାଖି ହେବ। ଏମାନେ ୧୪୨ କୋଟି ୮୬ ଲକ୍ଷ ଭାରତୀୟ ଏବଂ ବିଶ୍ୱର ୮୦୦ କୋଟି ଲୋକଙ୍କ ଝାଳବୁହା ସମ୍ପତିରୁ ହଡପ୍ କରି ଆଜି ପର୍ଯ୍ୟନ୍ତ ଛଟକ ଦେଖାଉଥିଲେ। ଏବେ ସେମାନଙ୍କ କଳାଧନର କୋଠରି ଖୋଲିଯାଇଛି। ସେମାନଙ୍କ ଅସଲ ଚେହେରା ପଦାରେ ପଡିଯାଇଛି। ଏଇସବୁ ପୁଞ୍ଜିପତି, ଶିଳ୍ପପତିମାନେ ଦେଶର ରାଜନୈତିକ ଦଳମାନଙ୍କୁ ଚାନ୍ଦାଦେଇ ପୋଷିପାଳି ରଖିଛନ୍ତି। ଏଇ ଦଳ ଯିଏ ଯେତେବେଳେ ସରକାରକୁ ଆସିଛନ୍ତି ୧୯୪୭ରୁ ଆଜି ପର୍ଯ୍ୟନ୍ତ – ଏମାନେ ତାଙ୍କରି ଏଇ ଅକଳନ୍ତି ପ୍ରାଚୁର୍ଯ୍ୟଶାଳୀ ପ୍ରଭୁମାନଙ୍କ ସେବା ହିଁ କରିଆସିଛନ୍ତି। ସାଧାରଣ ଜନତା ଭୋଟରମାନଙ୍କୁ ସେମାନଙ୍କର ଖାତିର ନାହିଁ। ଏଇ ଶିଳ୍ପପତି, ରାଜନେତା, ଅଫିସରମାନଙ୍କ ଅଶୁଭ ମୈତ୍ରୀ କାହିଁ କେବଠୁ ଗଢିଉଠିଲାଣି। ଦେଶରେ କେଉଁ ନେତା, ବେପାରୀ, ଧର୍ମଗୁରୁ, କର୍ମଚାରୀ, ଦେଶଦ୍ରୋହୀ, ରାଜକୋଷ ଲୁଟେରା ସେମାନଙ୍କ ହିସାବ ନାଁ ଲେଖିଲେ ପର୍ବତପ୍ରମାଣ ପୋଥି ହେବ। ମାତ୍ର ମନେରଖିବାକୁ ପଡ଼ିବ ଯେ ଏମାନଙ୍କ ଛଇଛଟକ ମଧ୍ୟ ଛାଡିଯିବ ଛ' ଦିନକେ।

ଆମ ରାଜ୍ୟ ଓଡିଶା ଭୂଇଁ। ଏ ବିଶ୍ୱରୁ ଭାରତରୁ ଅଲଗା ନୁହେଁ। ଏଠି ବି ଛଟକିଆମାନେ ବହୁଳାଂଶରେ ରାସ୍ତାଘାଟ, ଅଫିସଦପ୍ତର, ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆତଯାତ ହେଉଛନ୍ତି। ଏମାନଙ୍କ ଢଙ୍ଗଢାଙ୍ଗ ଦେଖିଲେ ଆମେ ଚିଡିଆଖାନା ଭିତରେ ପଶିଯାଇଛେ କି ? ଏ ମଣିଷରୂପୀ ଜନ୍ତୁମାନଙ୍କୁ ଦେଖି କେତେକ ହୁଏତ ମଜ୍ଜା ନେଉଥିବେ, କିନ୍ତୁ ଏମାନଙ୍କ ଉତ୍ପାତରୁ ଯେ ପ୍ରଭୂତ କ୍ଷତି ହେବାରେ ଲାଗିଛି – ଏ କଥା ମଧ୍ୟ ହେଜିବାକୁ ହେବ। କିଛି ଦରପାଠୁଆ, ଅଳ୍ପପାଠୁଆ, ଅଗଡମ୍‌ବଗଡ଼ମ୍ ଗୁଣ୍ଡାହୁଣ୍ଡା ବି ନେତା ହୋଇଯାଇଛନ୍ତି। ସେମାନଙ୍କୁ ଯଦିଓ ଶିକ୍ଷା, ସଂସ୍କୃତି ଆଇନକାନୁନ ମାଲୁମ ନାହିଁ, କିନ୍ତୁ ଅର୍ଥନୀତିରେ ଧୁରନ୍ଧର। ଟଙ୍କା କୋଉ ବାଟରେ ଆସିବ ସେମାନେ ରାତିଦିନ କୁଟିଳ ବୁଦ୍ଧି ଖଟାଉଛନ୍ତି। କାହାକୁ ଧରିଲେ ଠିକାଦାରି ମିଳିବ, କୋଉଠି କୋଉଠି ରାଜକୋଷ ଲୁଣ୍ଠନ କରିହେବ - ସେମାନଙ୍କୁ ଜଣା। ହୁଏତ ଅତୀତରେ ସେମାନଙ୍କ ପୂର୍ବପୁରୁଷ କିଛି ଭଲକାମ କରିଥିଲେ। ଏମାନେ ଠିକ୍ ଓଲଟା କାମ କରୁଛନ୍ତି। କୌଶଳକ୍ରମେ ଗୁଡାଏ ଟଙ୍କା ଠକିନେଇ ହାତରେ ଗୁଣ୍ଡାବାହିନୀ, ବରାଦୀ ଘାତକଦଳ ଓ ଖୋସାମଦିଆଙ୍କୁ ପୋଷିଲେ। କେତେକ ଗଣମାଧ୍ୟମକୁ ହାତକରି ଧୁମ୍ ପ୍ରଚାର କଲେ। ଶିଳ୍ପପତି ଠିକାଦାରମାନଙ୍କୁ ଡରାଇ ବଟି ଆଦାୟ କଲେ। ରାଜନୈତିକ ଦଳମାନଙ୍କର ନିର୍ବାଚନ ପାଇଁ ଟଙ୍କା ଦରକାର। ଏମାନେ ଅଯାଚିତ କୋଟିକୋଟି ଟଙ୍କା କୁଢେଇଦେଲେ। ଦଳର ହାଇକମାଣ୍ଡ ବାହାଃବାହାଃ କହି ସେମାନଙ୍କୁ ଦଳକୁ ଆଉଜେଇଆଣିଲେ। ଟିକଟ ବି ଦେଲେ। ସେମାନେ ବି ଜିତିଲେ, ମନ୍ତ୍ରୀ ମଧ୍ୟ ହେଲେ। ଏଥର କଚେପୁଅ ବାର। ରାଜ୍ୟର ଯେତେ ଯେଉଁଠି ଠଣା ଥିଲା ସବୁ ଖୋଜିଖାଜି କୋଟିକୋଟି ଟଙ୍କାର ମାଲିକ ହେଇଗଲେ। ଗର୍ବଅହଂକାରରେ ବାଉଳାଚାଉଳା ହେଲେ। ପାଟିରୁ ଅସଭ୍ୟ ଭାଷା ବାହାରିଲା। ତଥାପି ମାଗିଖିଆମାନେ ତାଙ୍କ ଗୁଣ ଗାଇଲେ। ଏସବୁ ଘଟଣାରେ ସେମାନେ ଫୁଲିଉଠିଲେ। ବେଳେବେଳେ ବିଲେଇ ଆଖି ବୁଜିବୁଜି କ୍ଷୀର ପିଏ। ସେ ଭାବେ ତାକୁ କେହି ଦେଖୁନାହାଁନ୍ତି। ସେଇଭଳି ଭାବେ ଏ ରାଜକୋଷ ଲୁଟେରା, ଦେଶଦ୍ରୋହୀମାନଙ୍କ କାର୍ଯ୍ୟକଳାପ ଆଜି ହାଟରେ ପଡି ଦାଣ୍ଡରେ ଗଡଗଡ ହେଉଛି। ଯେଉଁଦିନ ଏମାନେ ଗୁଣ୍ଡାମାନଙ୍କ ଡିମାଣ୍ଡ, ମାଗିଖିଆମାନଙ୍କ ହାତଟେକା କିଂବା ହାଇକମାଣ୍ଡଙ୍କ ହେଭି ଡିମାଣ୍ଡକୁ ପୂରଣ କରିପାରିବେନାହିଁ – ସେଦିନ ଏମାନେ ଚାରିପାଞ୍ଜିରୁ ଯିବା ଥୟ।

ଆମ ଓଡ଼ିଶା ଏକ ଧନୀ ରାଜ୍ୟ। କିନ୍ତୁ ଏଠାକାର ଲୋକମାନେ ଗରିବ। କାମଦାମ ନାହିଁ – ବେକାର ମାଳମାଳ। ଅନ୍ୟରାଜ୍ୟ - ବିଦେଶକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି। ଏଠି ଅନ୍ନଦାତା ଚାଷୀମୁଣ୍ଡରେ ଚଡକ। ଦେଶନିର୍ମାତା ଶ୍ରମଜୀବୀଙ୍କ ଅବସ୍ଥା କାଂଗାଳ। ଘରେ ଘରେ କରଜରେ ବୁଡିଛନ୍ତି। କିସ୍ତି ଦେଇ ଦେଇ ଘାଏଲ। ଆମର ଯୁବଛାତ୍ରମାନେ ଫଟାସଂସ୍କୃତି, ବିଦେଶୀ ପଚାସଂସ୍କୃତିରେ ନିମଗ୍ନ। ଏଠି ଅପପୁଷ୍ଟିରେ ଶିଶୁ ମରେ। ମା'ଭଉଣୀମାନଙ୍କୁ ଉପଯୁକ୍ତ ସମ୍ମାନ ନାହିଁ। ବୟସ୍କମାନଙ୍କ କଥା ପଚାରେ କିଏ ? ଏତେ ସବୁ ଅଘଟଣ ଘଟିଯାଉଥିଲେ ବି କାହାର ତୁଣ୍ଡରୁ ପଦେ କଥା ବାହାରିବା ମୁସକିଲ୍। ହାଟବାଟ ବଜାରଘାଟ, ଛକମାନଙ୍କରେ ଖାଲି ଗୁଲିଖଟି ଗପ। ମାଗଣା ସଂସ୍କୃତିର ପଙ୍କପୋଖରୀରେ ବୁଡ ମାରୁଛେ। ଛଟକିଆମାନେ ଯେତେଦିନ ପର୍ଯ୍ୟନ୍ତ ଛଇଛଟକ ଦେଖାଉଥିବେ - ଆମ ଭାଗ୍ୟ ଯେଉଁ ତିମିରେକୁ ସେଇ ତିମିରେ।

ଏ ସମୟ ଅସମୟ, ବିସମୟ; ବିଷମ ସଂକଟମୟ। ସମସ୍ୟା ଯେତେ ବଡ଼ ହେଉ ତାର ସମାଧାନ ଅଛି – ଯେପରି ଗୋଟାଏ ମସ୍ତବଡ଼ ବେଲୁନ୍‌ର ଫୁଟାଣି ଗୋଟାଏ ଛୋଟ୍ ପିନ୍ କଂଟା ସାମ୍ନାରେ ଫୁସ୍। ଆଜି ଏଇ ଦରିଦ୍ର, ଦଳିତ, ଏଇ ଦୁର୍ଗତ – ଏଇ ନିଃସ୍ୱ, ଏଇ ନିପୀଡିତର ସ୍ୱର ଯଦି ଏକାଠି ହୁଏ ତେବେ ତା ଆଗରେ ଏସବୁ ତୁଙ୍ଗ ମସ୍‌ନଦୀ ମହଲ ଗୋଟାଏ ତୁଚ୍ଛ ତାସ୍‌ଘର !! ମା'ର ପିଲା ହିସାବରେ ଯେଉଁମାନେ ଗଣା ନୁହଁନ୍ତି – ସେଇମାନେ ଅଦରକାରୀ ସରକାରୀ ମାଗଣା ପାଇଁ ମାତାଲ। ଏହା ଗଭୀର କ୍ଷୋଭ। ଦିନେ ଏଇ ମା'ର ସନ୍ତାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆହ୍ୱାନରେ ସ୍ୱାଧୀନତା ପାଇଁ ରକ୍ତ ଦେବାକୁ ପଣ କରିଥିଲା ସେ ସନ୍ତାନ ଆଜି ଅର୍ଦ୍ଧପତନର ଏକ ଅନ୍ଧଗଳିରେ ଭୂଆଁ ବୁଲୁଛି କାହିଁକି ? ଏ ପ୍ରଶ୍ନ କିନ୍ତୁ ମାଗଣା ନୁହେଁ, ମାହାଳିଆ ନୁହେଁ କି ନୁହେଁ ବି ମୋଫତ୍। ଏ ପ୍ରଶ୍ନର ଉତ୍ତର ଏକ ଘନଘୋଟ ଅନ୍ଧକାର ରାତିର ବାଦଲଫଟା ଶପଥ।

ମଣିଷ ଦୁଃଖକୁ ଭୋଗ କରେ। ସୁଖ ମଣିଷକୁ ଭୋଗ କରେ। ତେଣୁ ସୁଖର ସ୍ମୃତି ବିସ୍ମୃତ ହୋଇଯାଏ। କିନ୍ତୁ ଦୁଃଖ ଚିରଦିନ ପାଇଁ ରହେ ଓ ମଣିଷକୁ ଶିକ୍ଷିତ କରେ। ଆମକୁ ଆଚ୍ଛନ୍ନ ଆହ୍ୱାନର ରଣକ୍ଷେତ୍ରରେ ପଣବଦ୍ଧ ହେଲେ ଆଗହୁଁ ଅସଲ ବିଚାରଭାବନା ଏକାନ୍ତ ଅପରିହାର୍ଯ୍ୟ। ଏହାହିଁ ଆଜି ଆମ ସମୟର ଆକୁଳ ଆବେଦନ ଆମ ସମସ୍ତଙ୍କ ପ୍ରତି। କାନ ଥାଇ କାଲ, ଆଖି ଥାଇ ଅନ୍ଧ, ତୁଣ୍ଡ ଥାଇ ମୁକ ହେଲେ ଏ ମୁଣ୍ଡକୁ ଲକ୍ଷେବାର ଧିକ୍। ଏବେ ଆସିଛି – ମୁଣ୍ଡ ଗଣା ମୁକୁଟର ମହାସଂଗ୍ରାମୀ ମାହେନ୍ଦ୍ର ବେଳା। ଏ ବେଳାର ଆଦେଶକୁ ଉଲ୍ଲଙ୍ଘନ କଲେ ମାତୃଋଣ ରହିଯିବ ଚିର ଅକ୍ଷୁର୍ଣ୍ଣ। ଏଇ ଅକ୍ଷମଣୀୟ ଅପୂର୍ଣ୍ଣତା ପାଇଁ ଇତିହାସର ଉତ୍ତରପୁରୁଷ ଆମକୁ ମା' କରିପାରିବେ କି ? ଏ ପ୍ରଶ୍ନ ମଧ୍ୟ ମାଗଣା ନୁହେଁ – ମାହାଳିଆ ନୁହେଁ - ନୁହେଁ ବି ମୋଫତ୍। ଅତଏବ୍ ଏକମାତ୍ର ପଥ - ଶପଥ... ଶପଥ... ଶପଥ... ହଁ, ଶପଥ ହିଁ ସତ୍‌ପଥ।

# ଶିକ୍ଷକଙ୍କ ଅବସର ନ ଥାଏ



**ସିତାଂଶୁ ଶେଖର ମିଶ୍ର**
ସୋନପୁର , ଶାନ୍ତିନଗର
ଦୂରଭାଷ.୮୧୪୪୮୭୦୭୨୯

ଏହିକିଛି ଦିନ ଆଗରୁ ଜଣେ ସମ୍ପର୍କୀୟ ଭାଇଙ୍କ ସହ ଦେଖା ହେଲା। ତାଙ୍କ ସହ ବହୁଦିନ ପରେ ଦେଖା ହୋଇଥିବାରୁ ଅନେକ କଥା ହେବାକୁ ହେଲା। ସେହି ସମୟରେ ସେ ଖୁସି ନଥିବା ମୋତେ କାହିଁକି ଅନୁଭବ ହେଲା। ପଚାରିଲି ଆରେ ତମର କଣ ହୋଇଛି କି ?

ଏତେ ଦିନ ପରେ ଦେଖାହେଲା କିନ୍ତୁ ତମେ ସ୍ୱାଭାବିକ ଜଣା ପଡୁନାହିଁ। ନା'ନା' ସେମିତି କିଛି ନାହିଁ। କଣ କି ମୋର ଏମାସରେ ଚାକିରିରୁ ଅବସର ଗ୍ରହଣ କରିବା ଅଛି ତ। ସେଥିପାଇଁ ବେଳେ ବେଳେ ଚିନ୍ତା ଲାଗୁଛି। କଣ କି' ଛୋଟ ଛୋଟ ପିଲାଙ୍କ ସହ ଏତେ ଦିନ ଧରି ରହିବା ପରେ କେମିତି ଏମାନଙ୍କୁ ଭୁଲି ପାରିବି। ପ୍ରକୃତରେ ଶିକ୍ଷକତାରେ ଯେଉଁ ଅପାର ଆନନ୍ଦ ଅନୁଭବ ହେଉଥିଲା ତାହା ଅନୁଭବୀ ହିଁ ଜାଣେ। ଯେତେବେଳେ ନିଜେ ଗଢିଥିବା ଛାତ୍ରଟି ଏକ ଉଚ୍ଚ ଆସନରେ ଉପନୀତ ହେବ ଆଉ କେତେବେଳେ ଅନେକ ଅନେକ ଖ୍ୟାତି ଅର୍ଜନ କରି ଚାଲିଥିବ ସେତେବେଳେ ମନରେ ଯେଉଁ ଅପାର ଖୁସି ଆସିଥାଏ ସେ ସବୁ ମନରେ ଆସିଗଲା ଭାଇ। ସେଥିପାଇଁ ଟିକିଏ ଭାବୁକ ହୋଇଗଲି। ତାହାହେଲେ ଏଇଆ କଥା। ସେ ସବୁ କଥା ମନକୁ ଆସିବ କାରଣ ତମମାନଙ୍କ ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ ଅଟେ। ଶିଶୁକୁ ନିର୍ମାଣ କରିବା ପାଇଁ। ସେଥିପାଇଁ ବିଦ୍ୟାଳୟକୁ ମଣିଷ ତିଆରି କାରଖାନା କୁହାଯାଇଥାଏ। ମୁଁ ତାକୁ କହିଲି ଏ ସମାଜ ଯଦି ଆଜି ଠିକ୍ ଭାବରେ ଛିଡା ହେବାକୁ ସକ୍ଷମ ହୋଇଛି ତାହାହେଲେ ତମ ମାନଙ୍କ ପାଇଁ। ତାପରେ ତାକୁ କହିଲି ତମେମାନେ ଅବସର ନେଇଗଲେ ଏ ସମାଜକୁ ଗଢିବ କିଏ? ତେଣୁ ଗୋଟାଏ କଥା ରହିଛି ଶିକ୍ଷକତା ଖାଲି ବୃତ୍ତି ନୁହେଁ। ଶିକ୍ଷକତା ହେଉଛି ଏକ ବ୍ରତ। ତେଣୁ ବାସ୍ତବରେ ଶିକ୍ଷକଙ୍କ ଅବସର ନ ଥାଏ। ହଁ ହୋଇପାରେ ଆମର ବିଧି ବ୍ୟବସ୍ଥା ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ବୟସରେ ଅବତୀର୍ଣ୍ଣ ହେବା ପରେ ସରକାରୀ ସେବାରୁ ଅବସର ନେବାକୁ ହୋଇଥାଏ। କିନ୍ତୁ ସମାଜକୁ ବଞ୍ଚିଥିବା ପର୍ଯ୍ୟନ୍ତ ଯଦି କିଏ ସଦା ସର୍ବଦା ଦିଗଦର୍ଶନ ଦେଇଆସିଥାନ୍ତି। ତାହାହେଲେ ସେ ହେଉଛନ୍ତି ଶିକ୍ଷକ। ସେଥିପାଇଁ ସମାଜରେ ଶିକ୍ଷକଙ୍କ ଆସନ ଉଚ୍ଚରେ। ସମାଜ ସକାଶେ ଗୁରୁଙ୍କ ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ ଅଟେ। କାରଣ ଅବୋଧ ଶିଶୁ ମାନଙ୍କୁ ଗଢି ତୋଳିବାର ଦାୟିତ୍ୱ ହେଉଛି ଶିକ୍ଷକଙ୍କ। ଶିଶୁ ହେଉଛି ଏକ ମାଟିମୁଣ୍ଡା ସଦୃଶ୍ୟ। କୁମ୍ଭାର ଯେମିତି ମାଟିକୁ ବିଭିନ୍ନ ଆକୃତି ଦେଇଥାଏ। ସେହିଭଳିଆ ଶିକ୍ଷକମାନେ ଶିଶୁ ମାନଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ ଦେଇଥାନ୍ତି। ଫଳରେ ଶିଶୁ ମାନେ ଶିକ୍ଷକଙ୍କ ମାର୍ଗ ଦର୍ଶନ ପାଇ ତାଙ୍କ ଭିତରେ ରହିଥିବା ଦକ୍ଷତା ଓ କ୍ଷମତାର ଜାଗ୍ରତ କରି ପାରିଥାନ୍ତି। ଶିକ୍ଷକମାନେ ସର୍ବଦା ତାଙ୍କ ଜୀବନରେ ସାଉଁଟି ଥିବା ଜ୍ଞାନ ଓ ଅନୁଭୂତିକୁ ଶିଶୁଙ୍କୁ ମାର୍ଗ ଦର୍ଶନ ଦେବାବେଳେ ତାକୁ ରଖିଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ଶିଶୁ ର ଅନେକ ଉପକାର ସାଧିତ ହୁଏ। କାରଣ ଆଜିର ଶିଶୁ କାଲିର ସମାଜର ତଥା ଦେଶର ଭବିଷ୍ୟତ। ଶିଶୁ ମାନେ ତଥା ଛାତ୍ରଛାତ୍ରୀମାନେ ବୌଦ୍ଧିକ ବିକାଶ ଓ ନୈତିକ ଶିକ୍ଷାର ଜ୍ଞାନ ହିଁ ଶିକ୍ଷକଙ୍କ ଠାରୁ ଆହରଣ କରିଥାନ୍ତି। ଛାତ୍ରଛାତ୍ରୀଙ୍କ ଦକ୍ଷତାର ବିକାଶ ଶିକ୍ଷକଙ୍କ ଠାରୁ ପାଇଥିବା ମାର୍ଗ ଦର୍ଶନ ଯୋଗୁଁ ସମ୍ଭବ ହୋଇଥାଏ। ଯଦ୍ୱାରା ପରବର୍ତ୍ତୀ ସମୟରେ ଏହା ଏକ ଉପଯୁକ୍ତ ସମାଜ ଓ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ। ତେଣୁ ଆମେ ଦେଖି ଆସିଛେ ଆଜି ନୁହଁ । ଏହା ପ୍ରାଚୀନ କାଳରୁ ଯେଉଁ ସଭ୍ୟତା ଓ ସମାଜର ବିକାଶ ହୋଇ ତାହାର ଏକ ପରିଚୟ ସୃଷ୍ଟି କରିଥିଲା । ତାହା ଏହି ଗୁରୁ ବା ଶିକ୍ଷକଙ୍କ ଆଦର୍ଶ ମାର୍ଗ ଦର୍ଶନ ଯୋଗୁଁ ସମ୍ଭବ ହୋଇଥିବା କଥା ଇତିହାସ ପୃଷ୍ଠାରୁ ଜଣାଯାଏ। ତେଣୁ ପୂର୍ବ କାଳରୁ ଦେଖିଆସିବାକୁ ହେଉଥିଲା ଯେଉଁମାନେ ତାଙ୍କର ଜ୍ଞାନ ଓ ଅନୁଭୂତି କୁ ସମାଜର ଛୋଟ ଛୋଟ ବାଳକ ଙ୍କୁ ପ୍ରଦାନ କରୁଥିଲେ ତାହା ଥିଲା ତାଙ୍କ ସମାଜ ପାଇଁ ସମର୍ପିତ ଭାବନା। ତାକୁ କେବେ ସେମାନେ ଏକ ପେଶା ବୋଲି ବିବେଚନା କରୁନଥିବା ଜାଣିବାକୁ ହୁଏ। ତାକୁ ସମାଜ ସକାଶେ ତାଙ୍କର ଏକ ଦାୟିତ୍ୱ ଓ କର୍ତ୍ତବ୍ୟ ରୂପରେ ବିବେଚନା କରୁଥିଲେ ଏବଂ ତାକୁ ଏକ ବ୍ରତ ଭାବରେ ଗ୍ରହଣ କରି ସମାଜ ଗଠନର ମୁଖ୍ୟ ବିନ୍ଧାଣି ସାଜୁଥିଲେ। ଶିକ୍ଷକ ଙ୍କୁ ସେଥିପାଇଁ ସମାଜର ଦର୍ପଣ ବୋଲି ମଧ୍ୟ ବିବେଚନା କରାଯାଏ। କାରଣ ତାଙ୍କର ଆଦର୍ଶ ,ଆଚରଣ ,ବ୍ୟବହାର ତାଙ୍କ ଦ୍ୱାରା ରଖୁଥିବା ସମସ୍ତ ବିଷୟ ବସ୍ତୁକୁ ଶିଶୁ ମାନେ ଅନୁକରଣ ବା ଗ୍ରହଣ କରିଥିବା ଦେଖିବାକୁ ମିଳେ। ସେଥିପାଇଁ ଆଉ ଗୋଟାଏ ଦିଗରୁ ସମାଜର ମେରୁଦଣ୍ଡ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଆଉ ଶିକ୍ଷକଙ୍କୁ ଏକ ଉତ୍ତମ ଆର୍କିଟେକ୍‌ର ମଧ୍ୟ ଆଖ୍ୟା ରହିଛି। କାରଣ ଏକ ଘରକୁ ଛିଡା କରିବାକୁ ହେଲେ ନିଜକୁ ସଶକ୍ତ କରିବାକୁ ହୁଏ। ସେହି କାର୍ଯ୍ୟକୁ ଶିକ୍ଷକ ମାନେ ତୁଳାଇଥାନ୍ତି। ଉପଯୁକ୍ତ ମାର୍ଗ ଦର୍ଶନ ପାଇଥିବା ଶିଶୁ ଟି ବଡ଼ ହୋଇ ତାକୁ ସେ ରାଷ୍ଟ୍ର ଗଠନରେ ବିନିଯୋଗ କରିଥାଏ। ଆଜିର ସମୟରେ ଶିକ୍ଷକଙ୍କ ଅବସର କିଛି ନିର୍ଦ୍ଦିଷ୍ଟ ପଦବୀରୁ ରହୁଅଛି ସିନା କିନ୍ତୁ ପ୍ରକୃତରେ ତାଙ୍କର ଅବସର ନାହିଁ। କାରଣ ସେ ଅବସର ପରେ ମଧ୍ୟ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନେଇ ବେଶ ସଚେତନ ଥାଆନ୍ତି ଏବଂ ଜୀବନର ଶେଷ ପର୍ଯ୍ୟନ୍ତ ସେହିଦାୟିତ୍ୱକୁ ବିଭିନ୍ନ ମାଧ୍ୟମରେ ସମ୍ପାଦନ କରୁଥିବା ଜଣାଯାଏ। ସେଥିପାଇଁ ସେମାନେ ଚିର ନମସ୍ୟ ଅଟନ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଗୁଣ୍ଡିଚା ବାଡ଼ି

**ଜଗଦୀଶ ସାହୁ**



ରଜାଘର ପୁଅ ଦରଶନ ଦିଅ
ସିଂହଦ୍ୱାରେ ଭକ୍ତ କରେ ଗୁହାରୀ
ହେ କଳାଗୋସାଇଁ ପହଣ୍ଡ ପକେଇ
ଚାଲି ଆସ ଆଉ ନକରି ଡେରି
ପୂଣ୍ୟ ନନ୍ଦିଘୋଷ ହୋଇ ନୂଆବେଶ
ତୁମରି ବାଟକୁ ଅଛି ଅନାଇ
ସରିଲେ ପହଣ୍ଡି ଚାରମାଳ ଚଢ଼ି
ନନ୍ଦିଘୋଷ ପରେ ବସିବ ଯାଇ

ଦେବ ସଂସାର କଳାଦିଅଁଙ୍କର
ବଡ଼ଦାଣ୍ଡେ ରଥଲୀଳା ମାଧୁରୀ
ରଥରେ ବାମନ କରି ଦରଶନ
ଭକ୍ତ ଟାଣିନେବେ ରଥ ଦଉଡ଼ି
ଚକେଗଲେ ଗଡି ବାରହାତ ମାଡ଼ି
ନନ୍ଦିଘୋଷ ଯିବ ଆଗକୁ ମାଡ଼ି
ଗୁଣ୍ଡିଚା ବାଡ଼ିରେ ପହଞ୍ଚିବା ପରେ
ଆଡ଼ପ ଅବଢ଼ା ହେବ ତିଆରି ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ବାସନ୍ତୀ



**ସୁନନ୍ଦା ମହାନ୍ତି**



ଦିନ ଆସି ସାଢେ ଦଶଟା ହେଲାଣି କାମକୁ ଆସିନି ବାସନ୍ତୀ । ସବୁଦିନ ଏମିତି କରେ । ସେ ଆସିଲାବେଳକୁ ଅଧା କାମ ସରିଥାଏ ରିମାଙ୍କର । କୋଉଦିନ କୈଫତ ଦେବ ଛେଳି ହଜିଗଲା ଖୋଜି ଯାଇଥିଲି, କୋଉ ଦିନ କହିବ ଘରକାମ ସାରିଲେ ତ ଆସିବି, ପୁଣି କୋଉଦିନ ଇନ୍ଦିରା ଆବାସରେ ନାମ ନଥିବାରୁ ସରପଞ୍ଚ ଘରକୁ ଯାଇଥିଲି କହିବ ତ କୋଉଦିନ ଭତ୍ତା ପାଇଁ ତ କୋଉଦିନ ଚାଉଳ ପାଇଁ । ତୋର ଏତେ ସବୁ କାମ ଅଛି ତ ଏତେ ଏତେ ଘର କାମ ଧରି କାଇଁ ହଇରାଣ କରୁଛୁ ବୋଲି କହିଦେଇଥିଲେ ଥରେ ବାସନ୍ତୀକୁ ରିମା । ଉତ୍ତରରେ ବାସନ୍ତୀ କଥା ଶୁଣି କାନମୁଣ୍ଡା ଭାଁ ଭାଁ କରିଗଲା । କହିଲା ମରଦଟା ନିଶା ପାଣି ଖାଇ, ସବୁ ଜିନିଷ ବିକି ଦେଉଛି ଘରର । ପଇସା ଚୋରି କରୁଛି । ଝିଅ ଦିଟାଙ୍କୁ ବାଡେଇ ପୁଅକୁ ତେଲଭାଜି ଜିନିଷ କିଣି ଖାଇବାକୁ ଦେବା ସହ ପୁଅ ମୋ ମୁହଁରେ ନିଆଁ ଦେବ କହି ଗେଲହା କରି ତା ପିଛା ପଇସା ଉଡାଉଛି ବୋଲି ତ ବାର ଦୁଆର ପାଇଟି କରି ମାଆ ମାନଙ୍କ ଚର୍ବି ବଢ଼େଇ କଷ୍ଟା ହେଲିଣି, କଣ ଆଉ କରିବି କହୁନ ମାଆ ?

ତା ଶେଷ କେଇପଦ କଥା ଖଣ୍ଡା ଧାର ପରି ଥିଲା । ଅଳ୍ପକେ ବଞ୍ଚି ଯାଇ, ସେଇଦିନଠୁ ଆଉ ବାସନ୍ତୀର ଡେରି ହେଲାଣି କହିବାକୁ ସାହସ କରିପାରନ୍ତି ନାହିଁ ରିମା । ଶଶୁର ଶୋଇଲା ଜାଗାରୁ ଘୁଞ୍ଚି ପାରୁନାହାଁନ୍ତି । ବାସନ୍ତୀ ନ ଆସିଲେ କଣ ପାରିବେ ଏତେସବୁ ରିମା ଏକା ? ତ କିଛି ନକହି ପୁରା ଚୁପ୍ ରୁହନ୍ତି ରିମା । ଆଜି ବାସନ୍ତୀ ଡେରିରେ ଆସି ପୁରା ଚୁପ୍ ହୋଇ ନଥ୍ କରି ବସିପଡି କିଛି ସମୟ ପରେ ଆରମ୍ଭ କଲା ବହୁନା, ପୁଅଟାକୁ ମୋର ମୂଳରୁ ଖାଇ କୁଳରୁ ବାହାର କଲାଣି ବାପ । ବାପ ସଙ୍ଗେ ସଙ୍ଗେ ପୁଅ ବି ଚୋରି କଲାଣି ହେ ମାଆ । କାହାକୁ ଦୁଃଖ କହିବି । କାଲି ତୁମଠୁ ଦରମା ପଇସାରୁ ଅଧାରୁ ଅଧିକ ମାଗିନେଇ ରଖିଥିଲି ଲୁଚେଇ, ଝିଅ ଦିଇଟା ଭଲ ପଢୁଛନ୍ତି ତାଙ୍କ ପାଇଁ ଏ ବର୍ଷା ଦିନରେ ସ୍କୁଲ ଯିବାକୁ ଛତା କିଣି ଥାଆନ୍ତି । ବଡ଼ ଝିଅକୁ ଡାକ୍ତର ଦେଖେଇ ଔଷଧ କିଣିଥାଆନ୍ତି । ନିଜ ପାଇଁ ଭଲ ଶାଢି ଖଣ୍ଡେ କିଣି ସାବିତ୍ରୀ ଓଷା ପୂଜା କରିଥାନ୍ତି । ବାପ ସଙ୍ଗେ ପଡି ଏ ବଦମାସ ଟୋକା ସବୁ ଚୋରି କରି ନେଇ ସାଙ୍ଗ ମାନଙ୍କ ସଙ୍ଗେ, ମାଉଁସ ଭୋଜି କରି ଖାଇ ଉଡ଼େଇଛି ମାଆ କହି ବାହୁନା ପକେଇବାକୁ ଲାଗିଲା । ତରଳି ଗଲେ ରିମା । କହିଲେ ମୁଁ ଗୋଟେ କଥା କହିବି ରଖିବୁ ବାସନ୍ତୀ । କହୁନ ମାଆ କଣ କଲେ ପୁଅଟା ବାଟକୁ ଆସନ୍ତା !

ତୁ ତ ପୁଅ ପାଇଁ କେତେ ମାନସିକ କରୁଛୁ । ମାସ ମାସ ଆମିଷ ପାଳୁଛୁ କିନ୍ତୁ ତୁ ଯଦି ଆଜିଠୁ ତାକୁ ଗପ କହିବୁ ସେ ବଦଳି ଯିବ ଦେଖିବୁ । କହୁନ ମାଆ କି ଗପ କହିବି କହି ପୁରା ଚୁପ୍ ହୋଇଗଲା ବାସନ୍ତୀ ତ ରିମା କହିଲେ କହିବୁ ଆମ ଦେଶର ଜାତିର ପିତା ମହାତ୍ମା ଗାନ୍ଧୀ, ତାଙ୍କ ପିଲାଦିନେ ଥରେ ନିଜ ବାପାଙ୍କ ପକେଟରୁ ପଇସା ଚୋରି କରିଥିଲେ କିନ୍ତୁ ବାପା ପଚାରିବାରୁ ତାଙ୍କ କଥାରେ ନିଜ ଭୁଲ୍ ମାନିଯିବା ଦ୍ୱାରା ଭବିଷ୍ୟତରେ ବଡ଼ ମଣିଷ ହୋଇପାରିଥିଲେ । ଏମିତିକି ଥରେ ସାଙ୍ଗ ପିଲାଙ୍କ ଠାରୁ କପି କରି ଲେଖିବାକୁ ନିଜେ ସାର୍ କହିଥିଲେ ବି ସେ ଚୋରି କରି ବା କପି କରି ଲେଖିବାକୁ ମହାପାପ ବିଚାରି ସେମିତି କରିନଥିଲେ ବୋଲି ଆଜି ମହାତ୍ମା ।

ଖୁସିରେ ଚାହିଁଲା ବାସନ୍ତୀ । କହିଲା ମାଆ ମୁଁ ପରା ଆଜି ସେଇଥିପାଇଁ ତା ସ୍କୁଲ ଶିକ୍ଷକଙ୍କ ପାଖକୁ ଯାଇଥିଲି । ସେ ମଧ୍ୟ ମତେ ଭରସା ଓ ବିଶ୍ୱାସ ଦେଇ କହିଛନ୍ତି ମୋ ପୁଅକୁ ସେ ବାଟକୁ ନେଇଆସିବେ କହି ଚଞ୍ଚଳ ଚଞ୍ଚଳ କାମ ସାରି ବାସନ୍ତୀ ସେଦିନ ଫେରିଗଲା । ଏଣିକି ସଅଳ ଆସୁଥିଲା ବାସନ୍ତୀ । ଠିକ୍ ଠିକ୍ କାମ ଚୁପ୍ ଚାପ୍ କରୁଥିଲା ତ ରିମା ପଚାରିଦେଲେ ତୋ ପୁଅ ସ୍କୁଲକୁ ଯାଉଛିଟି ? ଖୁସିରେ ଫାଟିପଡି ବାସନ୍ତୀ କହୁଥିଲା ମାଆ ଖାଲି କଣ ଯାଉଛି, ଏବେ ବଦଳି ଯାଇଛି ମୋ ପୁଅ । ସାର ଦିନେ କ୍ଳାସ୍‌ରେ ଶହେ ଟଙ୍କିଆଟିଏ ପକେଇ ଅପେକ୍ଷା କଲେ । ମୋ ପୁଅ ତାକୁ ଗୋଟେଇ ଯେମିତି ପକେଟରେ ରଖିଛି, ସାର୍ କହିଲେ ପିଲାମାନେ ମୋର ଗୋଟେ ଶହେ ଟଙ୍କିଆ ତୁମ କ୍ଳାସ୍‌ରେ ହଜିଛି । କିଏ ପାଇଲେ ବା ଦେଖିଲେ ଦେବ । ତୁମ ଭିତରୁ ଯିଏ ପାଇକି ଦେବ, ତାକୁ ଦୁଇଶହ ଟଙ୍କା ଦିଆଯିବ । ମାଆ ଏ ଟୋକା ଶହେ ଟଙ୍କା ଦେଇ ଦୁଇଶହ ସାର୍‌ଙ୍କଠୁ ନେଇଗଲା । କିନ୍ତୁ ତା ଆରଦିନ ସାର୍ ଗୋଟେ ଦୁଇଶହ ଟଙ୍କା ପକେଇ ସେମିତି କହିଲେ ଓ ମୋ ପୁଅ ଟଙ୍କା ଦେଇସାରିବା ପରେ, ସାର୍ କହିଥିବା ଦୁଇଶହ ମଧ୍ୟ ଦେଲେ । ତା ପରଦିନ କ୍ଳାସ୍‌ରେ ଯେମିତି ଆମ ଟୋକା ଠିଆ ହୋଇ ପଚାରିଲା ଆଜି ଆପଣଙ୍କର ପଇସା ହଜିନି ସାର୍ ? ତ ସାଙ୍ଗପିଲା ସବୁ ଟାହି ଟାପରା କଲେ । କିଏ କହିଲା ଲୋଭ ଲାଗିଛି ତ କିଏ କହିଲା ଜାଣିଶୁଣି ଚୋରି କରିଥିଲା ତ କିଏ କହିଲା ଚୋର ମୁହଁ ବଡ଼ ଟାଣ ଇତ୍ୟାଦି ଇତ୍ୟାଦି । ଲଜ୍ଜାରେ ମୁଣ୍ଡ ତଳକୁ ମୁହଁ ପୋତି ବସିଲା । ପିଲାଙ୍କୁ ଆକଟ କରି ସାର୍ କହିଲେ ସେ ଚୋରି କରିନି ବରଂ ମୁଁ ଜାଣି ଜାଣି ତା ବ୍ୟାଗ୍‌ରେ ରଖିଦିଏ, ସେ ସତ କହୁଛି କି ନା ଜାଣିବା ପାଇଁ । କ୍ଳାସ୍ ସାରି ଯେମିତି ସାର୍ ଗଲେ, ତାଙ୍କ ପଛେ ପଛେ ଯାଇ ଆଗ ଦୁଇ ଦିନର ଦୁଇଶହ ଲେଖାଏଁ ଟଙ୍କା ସାର୍‌ଙ୍କୁ ଫେରାଇ ମୁଁ ନେଇଯାଇଥିଲି କହିବାରୁ ସାର୍ କହିଲେ ତୁମେ ମୋ ପାଖେ ସତ ମାନିଯାଇଥିବାରୁ ବହୁତ ଭଲ ପଢିବ, ଦିନେ ଭଲ ମଣିଷ ହେବ । ତାପରେ ତ କାନ୍ଦିକାଟି ଘରେ ମୋ ବୋଉର ପଇସା ଚୋରି କରି ତାକୁ କଷ୍ଟ ଦେଇଛି କହି କେତେ କଇଁ କଇଁ ହୋଇ କାନ୍ଦିଲା ମୋ ପୁଅ । ସାର୍‌ଙ୍କଠୁ ସବୁ ଶୁଣି ମୁଁ ବି ଢେର୍ କାନ୍ଦିଲି । ପୁଅ ମୋର ସେଇଦିନଠୁ ପୁରା ଚୁପ୍ । ମନଦେଇ ପଢୁଛି । ତୁମେ କହିଥିବା ଗପସବୁ ଗୁରୁଜୀଙ୍କ ଠାରୁ ଶୁଣି ଲାଇବ୍ରେରୀରୁ ଗାନ୍ଧିଜୀଙ୍କ ଜୀବନୀ ଆଣି ପଢୁଛି କହି ଖୁସିରେ ହାତ ବଟାଉ ଥିଲା ବାସନ୍ତୀ କାମରେ । ରିମା ବାସନ୍ତୀ ଖୁସିକୁ ଦ୍ୱିଗୁଣିତ କରି ନୂଆ ଶାଢ଼ି ଦେଇ କହିଥିଲେ ସାବିତ୍ରୀରେ ପିନ୍ଧି ମାଆ ଲକ୍ଷ୍ମୀ ନାରାୟଣ ଦେବ ଓ ଦେବୀଙ୍କୁ ଜୁହାର ହୋଇ ତୋ ପରିବାରର ଶୁଭ ମନାସିବୁ । ବାପା ସଜାଡି ହେବା ସଙ୍ଗେ ପୁଅ ତୋର ଭଲ ମଣିଷ ହେବ । ଫେରି ପଡୁ ପଡୁ ବାସନ୍ତୀ କହୁଥିଲା ତୁମ ଲାଗି ବି କହିବି ଦେବ ଦେବୀଙ୍କୁ । ମୋ ମାଆର ହାତ କାଚ ବଜ୍ର ହେଉ ।

*ସାକ୍ଷୀଗୋପାଳ, ପୁରୀ*
*ମୋ- ୯୦୪୦୯୭୭୩୨୭*

# ବଡ଼ଦାଣ୍ଡେ ଆଜି ଭକତଙ୍କ ଭିଡ଼

**ପ୍ରଶାନ୍ତ କୁମାର ନାଥ**



ବଡ଼ଦାଣ୍ଡେ ଆଜି ଭକତଙ୍କ ଭିଡ଼
ତୁମ ରଥଯାତ୍ରା ପାଇଁ
ପୁଣ୍ୟ ଲଭିବାକୁ ଆସିଛନ୍ତି ଧାଇଁ
ରଥ ଦଉଡ଼ିକୁ ଛୁଇଁ ।
ଭକତଙ୍କ ମେଳେ ରଥାରୂଢ ହୋଇ
ଯାଉଛ ମାଉସୀ ଘର
ଶଙ୍ଖ ହୁଳହୁଳି ପଡୁଛି ଉଚ୍ଛୁଳି
ଶୁଭୁଅଛି ଝାଞ୍ଜ ମାଡ଼ ।
ନନ୍ଦିଘୋଷେ ତୁମେ ବିଜେ କରିଅଛ
ଭକ୍ତପ୍ରେମୀ ଭାବଗ୍ରାହୀ

ଡାହୁକ ଡାକରେ କମ୍ପି ଉଠୁଅଛି
ଆଜି ପରା ସାରା ମହୀ ।
ଝିପି ଝିପି ବର୍ଷା ଝରି ପଡୁଅଛି
ତୁମରି ସ୍ୱାଗତ ପାଇଁ
ଭକତ ତୁମର ଭାବରେ ବିହ୍ୱଳ
ତୁମରି ଭଜନ ଗାଇ ।
ଚନ୍ଦନ କର୍ପୂର ବାସି ମହକୁଛି
ରଥଯାଏ ଗଡ଼ି ଗଡ଼ି

କାହିଁ କେତେ ଦୂରୁ ଧାଇଁଛନ୍ତି ଭକ୍ତ
ତୁମକୁ ନେବାକୁ ଭିଡ଼ି ।
ରଥର ଉପରେ ଦେଖିଦେଲେ ଥରେ
ତୁମରି କଳା ଶ୍ରୀମୁଖ
ଭକ୍ତ ମନୋବାଞ୍ଛା ହୁଅଇ ପୂରଣ
ମିଳେ ତାକୁ ସ୍ୱର୍ଗସୁଖ ।

*ସୁନ୍ଦରପୁର, ଉତ୍ତରକୂଳ ହାଟ୍,*
*ପ୍ରୀତିପୁର, ଯାଜପୁର-୭୫୫୦୧୩*
*ମୋ-୮୩୧୦୩୨୮୩୪୫*



# ଆସୁଛି ଗୁଣ୍ଡିଚା ଯାତ

**ରାମଚନ୍ଦ୍ର ବେହେରା**

ଶୁକ୍ଳ ଆଷାଢର ଦ୍ୱିତୀୟା ତିଥିରେ
ଆସୁଛି ଗୁଣ୍ଡିଚା ଯାତ
ଅଗଣିତ ଭକ୍ତ ପୁରୀ ବଡଦାଣ୍ଡେ
ଶ୍ରଦ୍ଧାରେ ଟାଣିବେ ରଥ
ତାଳଧ୍ୱଜ ରଥେ ଭ୍ରାତା ବଳଭଦ୍ର
ଆଗେ ଆଗେ ଯିବେ ହସି
ପଛରେ ଚାଲିବେ ସୁଭଦ୍ରା ଭଉଣୀ
ଦେବଦଳନରେ ବସି
ଭଉଣୀଙ୍କ ପଛେ ଆସିବେ କାଳିଆ
ବସି ନନ୍ଦିଘୋଷ ରଥେ
ତାଙ୍କୁ ଦେଖିବାକୁ ଜାଗା ନମିଳିବ
ଶ୍ରୀକ୍ଷେତ୍ରର ପୁଣ୍ୟ ପଥେ
ଘଣ୍ଟ ତୂରୀ ଭେରୀ କାହାଳୀ ଶବଦେ
ଦାଣ୍ଡ ପଡିବ ଉଚ୍ଛୁଳି
ମହା ମନ୍ତ୍ର ଗାଇ ନାଚିବେ ଭକତ
ବଜାଇ ହାତରେ ତାଳି
ଶଙ୍ଖ ହୁଳହୁଳି ହରିବୋଲ ଶବ୍ଦେ
ଶ୍ରୀକ୍ଷେତ୍ର ହୋଇବ ଧନ୍ୟ
ରଥ ଦଉଡିକୁ ଶ୍ରଦ୍ଧାରେ ଟାଣିଲେ
ମିଳିଥାଏ କୋଟି ପୂଣ୍ୟ
ନଅ ଦିନ ପାଇଁ ମାଉସୀ ମା' ଘରେ
ରହିବେ ତିନି ଠାକୁର
ପୋଡପିଠା ଖାଇ ଖୁସି ମନାଇବେ
ଦୂରେ ରହି ଶ୍ରୀମନ୍ଦିର
ଦେଶ ବିଦେଶରୁ ଅଗଣିତ ଭକ୍ତ
ଶ୍ରୀକ୍ଷେତ୍ର ଆସିବେ ଧାଇଁ
ପ୍ରଭୁ ଦୀନବନ୍ଧୁ କୃପା ବରଷିବେ
ଜଗତ କଲ୍ୟାଣ ପାଇଁ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*

# ବରଷା ରାଣୀ

**ପ୍ରଣୀତା ମିଶ୍ର**

ନିଦାଘର ତେଜ ହେଲାଣି ପ୍ରବଳ
ଆ ଲୋ ବରଷା ରାଣୀ
ଥଣ୍ଡା ଥଣ୍ଡା ତୋର ବାରି ପରଶରେ
ଭିଜାଇ ଦେବୁ ଧରଣୀ
ଧରଣୀର ବକ୍ଷ ପଡ଼ିଛି ଶୁଖିଲା
ସୂରୁଜ ଦେଇଛି ଶୋଷି
ଉହଳ ବିକଳ ଜୀବ ଜନ୍ତୁ ବୃକ୍ଷ
ଭାଳନ୍ତି ଚିନ୍ତାରେ ବସି
ତୋର ଆଗମନେ କରନ୍ତି ଅପେକ୍ଷା
କଳା ମେଘଟାକୁ ଚାହିଁ
ଠକି ଦେଇ ତୁ ଯେ ଲୁଚି ଯାଉ କାହିଁ
ବହଇ ପବନ ସାଇଁ
ଧରିତ୍ରୀ ରାଣୀର ଆକୁଳ ବେଦନା
ନ ବାଜଇ କିବା କର୍ଣ୍ଣେ

ନିତି ପ୍ରତି ତୋର ବାଟ ଚାହିଁ ବସେ
ଉଦାସୀନ ଭାବେ ମନେ
ତୋ ଶୀତଳ ଛୁଆଁ କାଉଁରୀ ପରଶ
ଝୁରଇ ସେ ପ୍ରତିକ୍ଷଣେ
ସୁନ୍ଦର ରୂପ ତା ହେଲାଣି କୁରୂପ
ଧୂଳି ଧୂସରିତ ବର୍ଣ୍ଣେ
କରନାହିଁ ଆଉ ଅଧିକ କପଟ
କରନା ଆଉ ଉଚ୍ଛୁର
ମେଘ ପାଲିଙ୍କିରେ ଓହ୍ଲାଇ ଆସି ତୁ
ଢାଳି ଦେ ଲୋ ବାରିଧାର
ଶାନ୍ତ ହୋଇଯାଉ ଧରଣୀର ବକ୍ଷ
ତୃପ୍ତ ହୋନ୍ତୁ ବୃକ୍ଷଲତା
ଶୀତଳ ପରଶେ ଝୁମୁ ଏ ଧରଣୀ
ମନେ ଭରି ମାଦକତା ।

*ଭୁବନେଶ୍ୱର*






## ପାଇଛୁ... ପଢ଼ିଛୁ...

# ଜନପ୍ରିୟ ଜଗନ୍ନାଥ




ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରକାଶ ପାଇଛି ଜଗନ୍ନାଥ ପ୍ରିୟଙ୍କ ଦ୍ୱାରା ଲିଖିତ ସ୍ମୃତିଗ୍ରନ୍ଥ 'ଜନପ୍ରିୟ ଜଗନ୍ନାଥ'। ଡାକ୍ତର ଜଗନ୍ନାଥ ମହାପାତ୍ର ପେଶାରେ ଡାକ୍ତର ଥିଲେ ମାତ୍ର ରାଜନୀତି ଏବଂ ଓଡ଼ିଶାର ସଂସ୍କୃତିର ସେ ଜଣେ ଦକ୍ଷ ବ୍ୟବସ୍ଥାପକ। ଏହା ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ପ୍ରବେଶ ରହିଥିଲା। ଚିକିତ୍ସା କରୁଥିବା ରୋଗୀଙ୍କ ସହ ସେ ଆତ୍ମିକ ଭାବରେ ଜଡିତ ହୋଇଯାଉଥିଲେ। ଅନ୍ୟର ଦୁଃଖ ସେ ସହି ପାରୁନଥିଲେ। ତାଙ୍କ ପାଖରେ ଚିକିତ୍ସିତ ହେଉଥିବା ରୋଗୀମାନେ କୁହନ୍ତି ତାଙ୍କ କଥାରେ କୁଆଡ଼େ ଅଧା ରୋଗ ଭଲ ହୋଇଯାଏ। ଏହି ପୁସ୍ତକରେ ଲେଖିଥିବା ଲେଖକଙ୍କ ଲେଖାରୁ ତାହା ହିଁ ସ୍ପଷ୍ଟ ହୁଏ। ଜଗନ୍ନାଥ ମହାପାତ୍ରଙ୍କ ପତ୍ନୀ ସୁସାହିତ୍ୟିକା ସଂଘମିତ୍ରା ମିଶ୍ରଙ୍କ ଆନ୍ତରିକ ଉଦ୍ୟମ ଏବଂ ଦିଗ୍‌ଦର୍ଶନରେ ଡା. ଜଗନ୍ନାଥ ମହାପାତ୍ର ସ୍ମୃତି କମିଟି ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟିକୁ ସଂପାଦିତ କରିଛନ୍ତି ଟାଇମପାସ୍‌ର ଅଧ୍ୟକ୍ଷ ସରୋଜ ବଳ। ଏହି ପୁସ୍ତକରେ ୧୦୮ ଜଣ ଯଶସ୍ୱୀ ଲେଖକଙ୍କ ସ୍ମୃତିଚିତ୍ର ରହିଛି ଯେଉଁମାନେ ଡାକ୍ତର ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଛନ୍ତି, ତାଙ୍କୁ ଜାଣିଛନ୍ତି, ତାଙ୍କୁ ଭଲପାଇଛନ୍ତି ଏବଂ ପ୍ରତିବଦଳରେ ତାଙ୍କଠୁ ଭଲପାଇବା ପାଇଛନ୍ତି । ଯେଉଁ ଲେଖକଙ୍କ ଲେଖାରେ ଏହି ସ୍ମୃତିଗ୍ରନ୍ଥଟି ସମୃଦ୍ଧ ହୋଇଛି ସେମାନେ ହେଲେ ଶାନ୍ତନୁ କୁମାର ଆଚାର୍ଯ୍ୟ, ଶରତ ଚନ୍ଦ୍ର ମିଶ୍ର, ନିରୁପମା ଆଚାର୍ଯ୍ୟ, ପଣ୍ଡିତ ପ୍ରବୋଧ ମିଶ୍ର, ସୁପ୍ରଭା ରାୟ, ନରେନ୍ଦ୍ର କୁମାର ମିଶ୍ର, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ରବି ଦାସ, ପୀତବାସ ରାଉତରାୟ, ବିବେକାନନ୍ଦ ଜେନା, ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ବିଭୂତି ପଟ୍ଟନାୟକ, ଗୌରହରି ଦାସ, ଡ. ଅର୍ଚ୍ଚନା ନାୟକ, ଡ. ବିଜୟାନନ୍ଦ ସିଂହ, ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ, ବିଜୟ କୁମାର ଶତପଥୀ, ସଂଘମିତ୍ରା ଭଞ୍ଜ, ମମତା କୁମାରୀ ମହାପାତ୍ର, ଜୟାଶୀଷ ରାୟ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସଂଘମିତ୍ରା ମିଶ୍ର, ଅପରାଜିତା ମହାପାତ୍ର ଏବଂ ଆହୁରି ଅନେକ। ଲେଖା ସହ ଡା.ଜଗନ୍ନାଥ ମହାପାତ୍ରଙ୍କ ବିଭିନ୍ନ ସମୟର ଗୁଡ଼ାଏ ଫଟୋ ମଧ୍ୟ ପ୍ରକାଶ ପାଇଛି।

# ଶୁକ୍ରନୀତି




ପ୍ରକାଶ ପାଇଛି ଯୁବଲେଖକ ଯଜ୍ଞ ପ୍ରକାଶଙ୍କ ଦ୍ୱାରା ଅନୁବାଦିତ ଶୁକ୍ରାଚାର୍ଯ୍ୟଙ୍କ ନୀତିଶାସ୍ତ୍ର ସମ୍ବଳିତ ପୁସ୍ତକ 'ଶୁକ୍ରନୀତି'। ଏହା ଜଗଦୀଶ୍ୱରାନନ୍ଦ ସରସ୍ୱତୀଙ୍କ ମୂଳ ହିନ୍ଦୀ ପୁସ୍ତକର ଅନୁବାଦ। ଏହି ପୁସ୍ତକରେ ରାଜନୀତି ସମ୍ବନ୍ଧୀୟ ସମସ୍ତ ନୀତି ନିୟମକୁ ଖୁବ ତନ୍ନ ତନ୍ନ ଭାବେ ବର୍ଣ୍ଣନା କରାଯାଇଛି ଯାହାକୁ ଯଜ୍ଞପ୍ରକାଶ ପାଠକଙ୍କ ପାଇଁ ସରଳ ଭାବାନୁବାଦ କରିଛନ୍ତି। ବୟସ ଅଳ୍ପ ହେଲେ ମଧ୍ୟ ଲେଖକ ଯଜ୍ଞ ପ୍ରକାଶ ଏହିପରି ଏକ ଗୁଢ ତଥ୍ୟପୂର୍ଣ୍ଣ ପୁସ୍ତକକୁ ପାଠକଙ୍କୁ ଭେଟି ଦେଇଥିବାରୁ ସେ ନିଶ୍ଚୟ ଧନ୍ୟବାଦର ପାତ୍ର। ଏହା ତାଙ୍କର ଦ୍ୱିତୀୟ ପୁସ୍ତକ। ଏହା ପୂର୍ବରୁ ମଧ୍ୟ ସେ ଏପରି ତାତ୍ତ୍ୱିକ ପୁସ୍ତକ 'ବିଦୁରନୀତି' ପାଠକଙ୍କ ପାଇଁ ପ୍ରକାଶ କରିସାରିଛନ୍ତି ଯାହା ପାଠକପ୍ରିୟ ହୋଇପାରିଛି। ଏହି ପୁସ୍ତକରେ ପ୍ରତିଟି ସଂସ୍କୃତ ଶ୍ଳୋକକୁ ଖୁବ ସହଜଭାବେ ବ୍ୟାଖ୍ୟା କରିଛନ୍ତି ସେ। ସମସ୍ତେ ଜାଣନ୍ତି ଶୁକ୍ରାଚାର୍ଯ୍ୟ ହେଲେ ଅସୁରଙ୍କ ଗୁରୁ ଏବଂ ସେ ଅସୁରଙ୍କ ସ୍ୱାର୍ଥ ଏବଂ ଉନ୍ନତି ପାଇଁ ସବୁବେଳେ ଦେବତାମାନଙ୍କ ସହ ଲଢିଆସିଛନ୍ତି। ମାତ୍ର ସେ ଯେ ନୀତିନିୟମ ବହିର୍ଭୂତ କୌଣସି କାର୍ଯ୍ୟ କରିନାହାନ୍ତି ଏହା ତାଙ୍କ ନୀତିପୁସ୍ତକ ପଢିଲେ ଜଣାଯାଏ। ବରଂ ସମାଜକୁ ଏହାଦ୍ୱାରା ନୂତନ ପଥ ଦେଖାଇଛନ୍ତି। ଏହି ପୁସ୍ତକକୁ ଅଧ୍ୟୟନ କଲେ ଜଣାଯାଏ ଯେ ରାଜନୀତିରେ ଏହା ଦେଶକୁ ଏକ ଯଥାର୍ଥ ଦିଗ ଦେଖେଇବାରେ ସଂପୂର୍ଣ୍ଣ ସକ୍ଷମ। ଧର୍ମ ଦ୍ୱାରା ସମାଜ ସବୁବେଳେ ସୁରକ୍ଷିତ। ରାଜା ନିଜେ ସୁରକ୍ଷିତ ରହିଲେ ପ୍ରଜାଙ୍କୁ ସୁରକ୍ଷା ଦେଇପାରେ। ପ୍ରଜା ସୁରକ୍ଷିତ ରହିଲେ ସମାଜ ସୁରକ୍ଷିତ ରହେ। ଧର୍ମର ବିନାଶରେ ସମାଜରେ ଅନ୍ୟାୟ, ଅତ୍ୟାଚାର, ଲୁଣ୍ଠନ, ହତ୍ୟା ପ୍ରଭୃତି ଅରାଜକତା ବ୍ୟାପିଯାଏ। ନିରୀହ ଜନତା ତ୍ରାହି ତ୍ରାହି ଡାକନ୍ତି। ଏଭଳି ଅବସ୍ଥାରେ ନୀତିଶାସ୍ତ୍ର ହିଁ ଏକମାତ୍ର ଭରସା। 'ଶୁକ୍ରନୀତି'ରେ ରାଜା, ପ୍ରଜା ସମସ୍ତଙ୍କ ପାଇଁ ଯେଉଁ ନୀତିନିୟମ ଧାର୍ଯ୍ୟ କରାଯାଇଛି ତାକୁ ପାଳନ କଲେ ଏକ ସୁସ୍ଥ ସରଳ ଜୀବନ ମଣିଷ ବିତାଇ ପାରିବ। ଏହା ଜନକଲ୍ୟାଣ ଦୃଷ୍ଟିରୁ ନୀତିରେ ପରିପୂର୍ଣ୍ଣ ଏବଂ ପାଳନ ଅନିବାର୍ଯ୍ୟ। ରାଜନୀତି ବ୍ୟତୀତ ଏଥିରେ ଧର୍ମ, ବର୍ଗ, ଆଶ୍ରମ, ବ୍ୟବହାର ଇତ୍ୟାଦି ବର୍ଣ୍ଣିତ ହୋଇଅଛି। ଏହି ପୁସ୍ତକଟି ଜିଜ୍ଞାସୁ ପାଠକ ଏବଂ ଗବେଷଣାରତ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ପ୍ରମାଣିତ ହେବ। ତୀରତରଙ୍ଗ ପବ୍ଲିକେଶନ ଦ୍ୱାରା ପ୍ରକାଶିତ ୧୮୪ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ମାତ୍ର ୨୦୦ଟଙ୍କା।

# ତୁମେ ଓ ମୁଁ

**ରମାକାନ୍ତ ଦାସ**

ତୁମେ ସୀମାହୀନ ସାଗର ମୁକୁତା
ମୁଁ ଭସା ବାଦଲର କଣିକା
ତୁମେ ମୋ ହୃଦୟର ପ୍ରେମଭରା
ଭାବନା
ମୋ ପ୍ରେମ କାହାଣୀର ନାୟିକା

ତୁମେ ଶିଳ୍ପୀର ଅଦ୍ଭୁତ କାରିଗରି
ମୁଁ ନିହାଣ ଆଘାତେ ପଥର
ତୁମେ ମୋ ସ୍ୱପ୍ନର ରାଜକୁମାରୀ
ମୋ ପ୍ରତି ସ୍ପନ୍ଦନର ସ୍ୱର

ତୁମେ ଚନ୍ଦ୍ରମାର ଶୀତଳ ଜୋଛନା
ମୁଁ ରଙ୍ଗବୋଳା ଚିକମିକ ରାତି
ତୁମେ ମୋ ସ୍ୱପ୍ନର ପାରିଜାତ ବନ
ମୋ ହୃଦୟର ଅଫେରା ଅତିଥି

ତୁମେ ଇନ୍ଦ୍ରଧନୁର ସାତରଙ୍ଗ
ମୁଁ ରଙ୍ଗଭରା ଫଗୁଣ
ତୁମେ ମୋ ରାଜ ଉଆସର ରାଣୀ
ମୋ ଅମା ଅନ୍ଧକାରେ କିରଣ

ତୁମେ ମୋ ମନ ଗହନର ପ୍ରେୟସୀ
ମୋ ସ୍ୱପ୍ନ ସହରର କୁହୁକ ରାଣୀ
ତୁମେ ମୋ କିଞ୍ଚିତ ଅନୁଭବର ଠିକଣା
ମୋ ଅଲିଭା ପ୍ରେମ କାହାଣୀ।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*





# ବିକ୍ଷିପ୍ତ ଏ ପ୍ରତିଧ୍ୱନି

**ଲିଜା ପଣ୍ଡା**

ଛବିର ସୌନ୍ଦର୍ଯ୍ୟେ ବିମୁଗ୍ଧ ପ୍ରେୟସୀ
ସାଜେ ଅନଭିଜ୍ଞ ପ୍ରତିକ୍ଷଣ
ସଂସାର ବୁକୁରେ ଉଡ଼ିବୁଲେ ପୁଣି
ପକ୍ଷୀ ସାଜି ପ୍ରତିକ୍ଷଣ

ନିୟନ୍ତ୍ରଣାଧୀନ ନହୋଇ ସେ ମଣେ
ବିବେକ ବାର୍ତ୍ତାକୁ ହେୟ
ଚଗଲୀ ମନର ଚଞ୍ଚଳ ପଣକୁ
ଦିଏ ଅଗ୍ରଗାମୀ ଶ୍ରେୟ

ଉଦ୍ଦିପ୍ତ ଆଶାକୁ କରେ ଉଜ୍ଜୀବିତ
ନାନା ପ୍ରୟାସର ଅନ୍ତେ
ନବଚେତନାର ମଧୁର ପ୍ରେମର
ସ୍ୱାଦ ପରଖିବା ନିମନ୍ତେ

ନବଦିଗନ୍ତରେ ମନର କୁମାର
ମିଳିଯାଏ ପୁଣି ତାକୁ
ପାଖେ ରହେ କେବେ ଉଡ଼ିଯାଏ ପୁଣି
ଧରା ଦିଏ ନାହିଁ ତାକୁ

ମନର କ୍ଷୋଭକୁ ମନରେ ମାରି ସେ
ପ୍ରତିକ୍ଷଣ କାନ୍ଦୁଥାଏ

କେବେ ପାଲଟିବ ସପନ ତା ସତ
ଚିରକାଳ ଭାବୁଥାଏ

ଅସହ୍ୟ ବେଦନା ବକ୍ଷରେ ସାଇତି
ସାଜେ ବଡ଼ ସ୍ୱାଭିମାନୀ
ବିରହ ଦହନରେ ପ୍ରଜ୍ୱୋଳିତ ହୋଇ
ପାଲଟେ ସେ ଅଭିମାନୀ

ନାନା ଯନ୍ତ୍ରଣାକୁ ପାସୋରି ସେ ପୁଣି
କରେ ପ୍ରେମିକ ପଥକୁ ପ୍ରତୀକ୍ଷା
ବିଶ୍ୱାସର ବହ୍ନି ହୃଦୟେ ସଂଚାରି
ନିତ୍ୟ କରିଥାଏ ଅପେକ୍ଷା

କାମନା ହିଲ୍ଲୋଳେ ବଶବର୍ତ୍ତୀ ସାଜି
ରହେ ସଦା ଏକାକିନୀ
ପ୍ରେମର ତୃଷ୍ଣାରେ ଚାତକ ସେ ସାଜେ
ହୁଏ ପୂତ ତପସ୍ୱିନୀ

ଆକାଂକ୍ଷା ପୃଷ୍ଠାକୁ ନିତ୍ୟ ଲେଉଟାଏ
ଜାଗୃତିର ଏକାକିନୀ
ପ୍ରାପ୍ତିର କାମନା ଶୁଣିପାରେ ନାହିଁ
ବିକ୍ଷିପ୍ତ ଏ ପ୍ରତିଧ୍ୱନି ।

*କେନ୍ଦ୍ରାପଡ଼ା, ତରାଣ୍ଡୋ*

# ଅସ୍ଥି ବିସର୍ଜନ

**କବିତା ମହାନ୍ତି**



କେତେ ଶୀଘ୍ର ମୋ ଦେହଟା
ବଡ଼ି ହୋଇସାରିଲାଣି
ହସ୍ପିଟାଲ ବେଡ଼ରୁ ଠେଲି ଦେଇ
କରିଡ଼ରରେ ଶୋଇ ଦେଇଛନ୍ତି ମୋତେ

ଦୁଃଖ କରିବାକୁ ସମୟ ନାହିଁ କାହା ପାଖେ
ଆଖିରେ ବି ଲୁହ ନାହିଁ କାହାର
ନିଜ ନିଜ ସଂସାର ମୋହରେ ବନ୍ଧା ସଭିଏଁ
ଯେତେ ଶୀଘ୍ର କୋକେଇ ବାନ୍ଧ
ଶବଦାହ କରି ଅସ୍ଥି ଟିକେ ଆଣିବାକୁ ଭୁଲିବନି କେବେ
ଗଙ୍ଗାରେ ହେବ ଅସ୍ଥି ବିସର୍ଜନ
ସେ ପୁଣି ଏଗାର ଦିନରେ

ନିଶ୍ଚଳ ହୋଇ ସବୁ ଶୁଣୁଥିଲି ମୁଁ
କେତେ ଝାଳ ବୁହାଇ ତିଆରିଥିବା ମୋ ଘରେ
ମୋତେ ଜାଗା ଟିକେ ନାହିଁ ରଖିବାକୁ
ବର୍ଷେ ଯାଏ କିଏ ମୋ ଅସ୍ଥିରେ ପାଣି ଟିକେ ଦେବ !
ସମୟ କାହା ପାଖେ ଅଛି !

ସବୁ ଶୁଣୁଥିଲି
ମୋ ଗଙ୍ଗା ପତ୍ର ଲେଖା ଠାରୁ
ବନ୍ଧୁ ବାନ୍ଧବ ଖୋଜା
ବେଭାର ଦିଆ ନିଆ
ବ୍ରାହ୍ମଣ ଭୋଜନ ଠୁଁ
ଜ୍ଞାତି କୁଟୁମ୍ବ ଭୋଜନ
ଆଉ ରାତି ପାହିଲେ ମୋ ଅସ୍ଥି ବିସର୍ଜନ

ପରିବାର ଠାରୁ ଜ୍ଞାତି କୁଟୁମ୍ବ ଯାଏ
କେତେ ଖୁସି ଥିଲେ ସତେ !
କିଛି କଥା ଶୁଭୁ ଥିଲା ମୋତେ
କୁହାକୁହି ହେଉଥିଲେ

ଭଲ ମଣିଷଟିଏ ଥିଲା ବୋଲି
କୋକେଇ ଠାରୁ ଅସ୍ଥି ବିସର୍ଜନ ଯାଏ
କେତେ ସୁରୁଖୁରରେ ସବୁ ସରିଗଲା



ମୁଠାଏ ପାଉଁଶ ହୋଇ
ଭାସି ଯାଉଥିଲି ମୁଁ
ନଈ ପାଣି ସୁଅରେ
ଦାୟିତ୍ୱ ଶେଷ କରି ଫେରୁଥିଲେ ସେମାନେ

କେହି କିନ୍ତୁ ବୁଝିଲେନି ମନ କଥା ମୋର
ମୁଁ ବି ଚାହୁଁଥିଲି
ଅସ୍ଥି ହୋଇ ରହିଯିବି
ହାତ ପାପୁଲି ଭଳି ଜାଗାଟିରେ
ମୋ ଘର ବାଡ଼ି ବଗିଚାରେ ।



*ଶୈଳ ନିବାସ, ବମିଖାଲ, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

# ଭାରତୀୟ କ୍ରିକେଟ୍ ଟିମ୍‌କୁ ୧୧ କୋଟି ଦେବେ ମହାରାଷ୍ଟ୍ର ସରକାର



**ମୁମ୍ବାଇ**

ଟି-୨୦ ବିଶ୍ୱକପ୍ ଜିତି ସ୍ୱଦେଶ ଫେରିଥିବା ଭାରତୀୟ କ୍ରିକେଟ୍ ଟିମ୍ ଉପରେ ଟଙ୍କା ବର୍ଷା ହେଉଥିବା ଦେଖିବାକୁ ମିଳୁଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଶୁକ୍ରବାର ଏକ ବଡ଼ ଘୋଷଣା କରିଛନ୍ତି। ଭାରତୀୟ ଟିମ୍‌କୁ ସେ ୧୧ କୋଟି ଟଙ୍କା ଦେବା ପାଇଁ ଘୋଷଣା କରିଛନ୍ତି। ମୁମ୍ବାଇର ୪ ଖେଳାଳିଙ୍କୁ ଶୁକ୍ରବାର ବିଧାନସଭାକୁ ନିମନ୍ତ୍ରଣ କରାଯାଇଥିବା ବେଳେ ସେ ଏହି ଘୋଷଣା ଗୃହ ଭିତରେ କରିଛନ୍ତି । ମୁଖ୍ୟମନ୍ତ୍ରୀ ଫାଇନାଲ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ବିଶ୍ୱ ଚାମ୍ପିୟନ୍ ହୋଇଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷ କରି ସୂର୍ଯ୍ୟ କୁମାରଙ୍କ ଚମତ୍କାର କ୍ୟାଚ୍‌କୁ ନେଇ ସେ ତାଙ୍କୁ ପ୍ରଂଶସା କରିଛନ୍ତି। ଏହା ପୂର୍ବରୁ ବିସିସିଆଇ ଟିମ୍‌କୁ ୧୨୫ କୋଟି ଟଙ୍କାର ଚେକ୍ ମଧ୍ୟ ଦେଇଛି।

ସୂଚନା ଥାଉକି, ଶୁକ୍ରବାର ମହାରାଷ୍ଟ୍ର ବିଧାନସଭାକୁ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କୁ ଆମନ୍ତ୍ରିତ କରାଯାଇଥିଲା। ରୋହିତଙ୍କ ସହିତ ସ୍କ୍ୱାଡ୍‌ରେ ସାମିଲ୍ ଥିବା ଅନ୍ୟ ମହାରାଷ୍ଟ୍ର ଖେଳାଳି ସୂର୍ଯ୍ୟ କୁମାର ଯାଦବ, ଶିବମ୍ ଦୁବେ ଏବଂ ଜଶସ୍ୱୀ ଜୟସଲ୍ ମଧ୍ୟ ବିଧାନସଭାକୁ ଯାଇଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏହି ଖେଳାଳିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଗୃହରେ ରୋହିତ ଶର୍ମା ମରାଠିରେ ଭାଷଣ ଦେଇଥିଲେ।

ରୋହିତ ମହାରାଷ୍ଟ୍ରର ଉପ-ରାଜଧାନୀ ନାଗପୁରରେ ବଢ଼ିଛନ୍ତି। ତେଣୁ ତାଙ୍କୁ ତାଙ୍କର ଅନୁଭବ କହିବାକୁ ଆମନ୍ତ୍ରିତ କରାଯାଇଥିଲା। ସେ ମାଇକ୍ ଧରି ଭାଷଣ ଆରମ୍ଭ କରୁ କରୁ ମୁମ୍ବାଇର ରାଜା ରୋହିତ୍ ଧ୍ୱନିରେ ଗୃହ କମ୍ପି ଉଠିଥିଲା। ସେ ପ୍ରଥମେ ନମସ୍କାର କରି ଭାଷଣ ଆରମ୍ଭ କରିଥିଲେ। ଏଥିରେ ସେ ଟିମ୍ ଇଣ୍ଡିଆର ଭୂରି ଭୂରି ପ୍ରଂଶସା କରିଥିଲେ।

ରୋହିତ ସୂର୍ଯ୍ୟ କୁମାରଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ସୂର୍ଯ୍ୟ କୁମାର ଏବେ କହୁଥିଲେ ଯେ ଶେଷ କ୍ୟାଚ୍‌ରେ ବଲ୍ ତାଙ୍କ ହାତରେ ଆସି ଆପେ ଆପେ ବସିଯାଇଥିଲା। ଭଲ ହେଲାକି ବଲ୍ ଆସି ବସି ଯାଇଛି, ନହେଲେ ଆଗକୁ ତାଙ୍କୁ ବସାଇ ଦେଇଥାନ୍ତା। ରୋହିତଙ୍କ ଏହି ଉକ୍ତି ଶୁଣି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିଶ୍, ଆଜିତ ପାୱାରଙ୍କ ସମେତ ଗୃହରେ ଉପସ୍ଥିତ ବିଧାୟକ ହସିବାକୁ ଲାଗିଲେ।

# ବିଶ୍ୱକପ ଫାଇନାଲ ମ୍ୟାଚ୍ ପୂର୍ବରୁ ଆତ୍ମବିଶ୍ୱାସ ହରାଇ ସାରିଥିଲେ କୋହଲି

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ଜିତିଥିବା ଭାରତୀୟ ଦଳ ସହ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ। ଏହି ସମୟରେ ଷ୍ଟାର ବ୍ୟାଟର ବିରାଟ କୋହଲି ବିଶ୍ୱକପ ଫାଇନାଲ ମ୍ୟାଚ୍‌ର ଅଭିଜ୍ଞତା ତାଙ୍କ ସହ ସେୟାର କରିଥିଲେ। ଫାଇନାଲ ମ୍ୟାଚ୍‌ରେ ବିରାଟ ୭୬ ରନର ଇନିଂସ ଖେଳି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଜିତିଥିଲେ। କିନ୍ତୁ ଫାଇନାଲ ପୂର୍ବରୁ ସେ ଖେଳିଥିବା ସମସ୍ତ ମ୍ୟାଚ୍‌ରେ ମୋଟ୍ ୭୫ ରନ କରିଥିଲେ। ହେଲେ ଫାଇନାଲରେ ସେ ୭୬ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳି ଦଳକୁ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ ବିଜେତା କରାଇଥିଲେ।

ତେବେ ଫାଇନାଲ ମ୍ୟାଚ୍ ପୂର୍ବରୁ ବିରାଟ କୋହଲି ଆତ୍ମବିଶ୍ୱାସ ହରାଇ ସାରିଥିଲେ। ଏକଥା ସେ ବାର୍ବଡସ୍‌ରେ ବ୍ୟାଟିଂ କରିବାକୁ ଯିବା ବେଳେ ଅଧିନାୟକ ରୋହିତ ଶର୍ମାଙ୍କୁ ମଧ୍ୟ ଜଣାଇଥିଲେ। ଏକଥା ନିଜେ ବିରାଟ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥାବାର୍ତ୍ତା ହେବା ବେଳେ ଖୁଲାସା କରିଥିଲେ। ଏଥିସହ ସେ ଖରାପ ପ୍ରଦର୍ଶନ ଯୋଗୁ ଚାପରେ ଥିବା ବେଳେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ତାଙ୍କ ଉପରେ କେମିତି ବିଶ୍ୱାସ ଓ ଭରସା ଦେଖାଇଥିଲେ, ସେକଥା ମଧ୍ୟ ବିରାଟ କହିଛନ୍ତି।



ମୋଦିଙ୍କ ସହ କଥାବାର୍ତ୍ତା ହେବା ବେଳେ ବିରାଟ କହିଛନ୍ତି, ପ୍ରଥମେ ଆପଣ ଆମମାନଙ୍କୁ ଏଠାକୁ ନିମନ୍ତ୍ରଣ କରିବାରୁ ମୁଁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ସେହି ଦିନ (ଫାଇନାଲ ମ୍ୟାଚ୍) ସବୁବେଳେ ମୋ ହୃଦୟରେ ରହିବ। କାରଣ ଟୁର୍ଣ୍ଣାମେଣ୍ଟରେ ମୁଁ ଦଳ ପାଇଁ ସେତେଟା ଭଲ ଯୋଗଦାନ ଦେଇ ପାରି ନଥିଲେ। ଏପରିକି ମୁଁ ରାହୁଲ ଦ୍ରାବିଡ୍ ଭାଇଙ୍କୁ ଗୋଟିଏ ଦିନ କହିଥିଲି ଯେ ମୁଁ ଏଯାଏ ଟିମ୍‌କୁ ଓ ମୋତେ ଆବଶ୍ୟକ ଅନୁଯାୟୀ ନ୍ୟାୟ ଦେଇ ପାରିନି। କିନ୍ତୁ ସେ ମୋତେ କହିଥିଲେ ଯେ ଯେତେବେଳେ ସୁଯୋଗ ଆସିବ ତୁମେ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ମୋର ବିଶ୍ୱାସ ରହିଛି। ଏହାବାଦ୍ ଫାଇନାଲରେ ଯେତେବେଳେ ରୋହିତ ଓ ମୁଁ ବ୍ୟାଟିଂ କରିବାକୁ ଯାଉଥିଲୁ ସେତେବେଳେ ମୁଁ ତାଙ୍କୁ କହିଥିଲି ଯେ ମୋ ପାଖରେ ଆବଶ୍ୟକ ଆତ୍ମବିଶ୍ୱାସ ନାହିଁ। କିନ୍ତୁ ପ୍ରଥମ ଓଭରରେ ଯେତେବେଳେ ୩ଟି ଚୌକା ମାରିଥିଲି ସେତେବେଳେ ମୁଁ ରୋହିତଙ୍କୁ କହିଥିଲି ଯେ ଏସବୁ କ'ଣ ହଉଛି ? ଗୋଟିଏ ଦିନ ମୁଁ ଏକ ରନ କରି ପାରୁ ନଥିଲି ଓ ଏବେ ଗୋଟିଏ ଓଭରରେ ୩ଟି ଚୌକା ମାରିବାକୁ ସକ୍ଷମ ହୋଇଗଲି। ସେଠାରେ ମୋତେ ଅନୁଭବ ହୋଇଥିଲା ଯେ କିଛି ଗୋଟିଏ ଘଟିବ। ବିଶେଷ କରି ଆମର ଶୀଘ୍ର ୱିକେଟ ଯିବା ପରେ ମୋତେ ସ୍ଥିତି ଆଗରେ ଆତ୍ମସମର୍ପଣ କରିବାର ଥିଲା। ଟିମ୍ ପାଇଁ କ'ଣ ଜରୁରୀ, ସେଇଟା ମୋ ଫୋକସ୍‌ରେ ଥିଲା। ମୋତେ ଲାଗିଥିଲା ଯେ ମୋତେ ସେହି ପରିସ୍ଥିତିରେ ଆଣି ରଖାଯାଇଥିଲା। ପଛରେ ମୁଁ ବୁଝିପାରିଥିଲି ଯେ ଯାହା ହବାର ଥିବ ନିଶ୍ଚତ ହେବ। ମ୍ୟାଚ୍ ଯଦି ଆପଣ ଦେଖିବେ, ତା'ହେଲେ ଗୋଟିଏ ଗୋଟିଏ ବଲ ପାଇଁ ଆମେ କଷ୍ଟ କରି ଚାଲିଥିଲୁ। ସେତେବେଳେ ଆମ ଭିତରେ କ'ଣ ଚାଲିଥିଲା, ସେକଥା ଆମେ ଶବ୍ଦରେ ବୟାନ କରିପାରିବୁ ନାହିଁ। ଏତେ ବଡ଼ ଦିନରେ ଟିମ୍ ପାଇଁ ଯୋଗଦାନ କରିଥିବାରୁ ମୁଁ ବହୁତ ଖୁସି। ସେଦିନ ଯାହା ସବୁ ଘଟିଲା ଓ ଆମେ ଯେମିତି ଜିତିଲୁ, ସେକଥା ମୁଁ କେବେ ବି ଭୁଲି ପାରିବି ନାହିଁ।

ବିଶ୍ୱକପ ଫାଇନାଲ ଜିତିବା ପରେ ବିରାଟ କୋହଲି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ଭାରତ ପାଇଁ ଦିନିକିଆ ଓ ଟେଷ୍ଟ ମ୍ୟାଚ୍ ପୂର୍ବଭଳି ଖେଳିବା ଜାରି ରଖିବେ।

# ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଅନୁଭୂତି ବାଣ୍ଟିଲେ ଭାରତୀୟ ଖେଳାଳି



**ନୂଆଦିଲ୍ଲୀ**

ଟି୨୦ କ୍ରିକେଟ ବିଶ୍ୱକପ୍ ବିଜେତା ଭାରତୀୟ ଦଳ ଗୁରୁବାର ପହଞ୍ଚିବା ପରେ ମୁମ୍ବାଇରେ ବିଜୟ ପରେଡ୍ ହୋଇଥିଲା। ପରେ ୱାଙ୍ଖେଡେ ଷ୍ଟାଡିୟମରେ ରୋହିତ ଶର୍ମାଙ୍କ ଦଳକୁ ୧୨୫ କୋଟି ଟଙ୍କାର ଚେକ୍ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁମ୍ବାଇରେ ପହଞ୍ଚିବା ପୂର୍ବରୁ ଟିମ୍ ଇଣ୍ଡିଆ ବାର୍ବଡସରୁ ସିଧା ଦିଲ୍ଲୀରେ ଅବତରଣ କରିଥିଲା। ସେଠାରେ ଟିମ୍‌ର ସଦସ୍ୟମାନେ ନିଜ ପରିବାର ଲୋକଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ।

ବିଶ୍ୱ ବିଜେତା ଦଳର ସଦସ୍ୟମାନଙ୍କ ପାଇଁ ମୋଦି ବ୍ରେକ୍‌ଫାଷ୍ଟର ଆୟୋଜନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସବୁ ଖେଳାଳି ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଥିଲେ। ଟିମ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମାଙ୍କୁ ପ୍ରଧାନମନ୍ତ୍ରୀ ମୋଦି ମାଟିର ସ୍ୱାଦ ସମ୍ପର୍କରେ ପ୍ରଶ୍ନ କରିଥିଲେ। ମାଟିର ସ୍ୱାଦ କେମିତି ବୋଲି ମୋଦି ତାଙ୍କୁ ପଚାରିଥିଲେ। ବାର୍ବଡସରେ ଭାରତ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ ଜିତିଥିଲା। ସେହିପରି ଦଳ ୧୧ ବର୍ଷପରେ କୌଣସି ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇଥିଲା। ତେଣୁ ଏହି ଐତିହାସିକ ବିଜୟକୁ ସ୍ମରଣୀୟ କରିବାକୁ ପିଚ୍ ମାଟି ଆଣି ଖାଇ ଥିବା ଅଧିନାୟକ ରୋହିତ କହିଥିଲେ।

# ନୀରଜ ନେବେ ଦୌଡ଼କୁଦ ଦଳର ନେତୃତ୍ୱ : ଓଡ଼ିଶାର ପ୍ରତିନିଧିତ୍ୱ କରିବେ କିଶୋର ଜେନା

**ନୂଆଦିଲ୍ଲୀ**

ପ୍ୟାରିସ ଅଲିମ୍ପିକ୍ସ ଲାଗି ଭାରତୀୟ ଦୌଡ଼କୁଦ ମହାସଂଘ ୨୮ ଜଣିଆ ଦୌଡ଼କୁଦ ଦଳ ଘୋଷଣା କରିଛି। ଏଥିରେ ୧୭ଜଣ ପୁରୁଷ ଓ ୧୧ଜଣ ମହିଳା ରହିଛନ୍ତି। ବିଶ୍ୱକପ ତଥା ଅଲିମ୍ପିକ୍ସ ବିଜେତା ଜାଭ୍‌ଲିନ ତାରକା ନୀରଜ ଚୋପ୍ରା ଏହି ଦଳର ନେତୃତ୍ୱ ନେବେ। ଏଥର ଭାରତୀୟ ଦୌଡ଼କୁଦ ଦଳ ପୂର୍ବାପେକ୍ଷା ଭଲ କରିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ଦୃଢ଼ ଆଶା ପୋଷଣ କରିଛନ୍ତି।




ଭାରତୀୟ ଦଳ : ଅଭିନାଶ ସାବ୍‌ଲେ (୩,୦୦୦ ମିଟର ଷ୍ଟିପଲଚେଜ୍), ନୀରଜ ଚୋପ୍ରା, କିଶୋର ଜେନା (ଜାଭ୍‌ଲିନ), ତେଜିନ୍ଦର ପାଲସିଂହ ତୁର (ସଟପୁଟ୍), ପ୍ରବୀଣ ଚିତ୍ରଭେଲ୍, ଅବୁଲା ଅବୁବାକର (ଟ୍ରିପଲ ଜମ୍ପ), ଆକାଶଦୀପ ସିଂହ, ବିକାଶ ସିଂହ, ପରମଜିତ ସିଂହ ବିଷ୍ଟ (୨୦ କିଲୋମିଟର ଚାଲିବା), ମହମ୍ମଦ ଆନସ, ମହମ୍ମଦ ଆଜମଲ୍, ଅମୋଜ ଜାକବ, ସନ୍ତୋଷ ତାମିଲରସନ, ରାଜେଶ ରମେଶ, (୪ଗୁଣା୪୦୦ ମିଟର ରିଲେ), ମିଜୋ ଚାକୋ କୁରିଆନ (୪ଗୁଣା ୪୦୦ ମିଟର), ସୁରଜ ପନର, (ରେସ ।କ ମିଶ୍ରିତ ମାରାଥନ), ସର୍ବେଶ ଅନିଲ କୁଶାରେ (ଉଚ୍ଚଡିଆଁ), କିରଣ ପହଲ (୪୦୦ ମିଟର), ପାରୁଲ ଚୌଧୁରୀ (୩,୦୦୦ ଷ୍ଟିପଲଚେଜ ଓ ୫,୦୦୦ ମିଟର), ଜ୍ୟୋତି ୟାରାଜୀ (୧୦୦ ମିଟର ବାଧାଦୌଡ଼), ଅନୁ ରାଣୀ (ଜାଭ୍‌ଲିନ), ଆଭା ଖଟୁଆ (ସଟ୍‌ପୁଟ୍), ଜ୍ୟୋତିକା ଶ୍ରୀ ଦାଣ୍ଡି, ଶୁଭ ଭେଙ୍କଟେସନ୍, ବିଥ୍ୟା ରାମରାଜ, ଏମ୍ଆର ପୁଭାମ୍ମା (୪ଗୁଣା୪୦୦ ମିଟର ରିଲେ), ପ୍ରାଚୀ (୪ ଗୁଣା୪୦୦ ମିଟର), ପ୍ରିୟଙ୍କା ଗୋସ୍ୱାମୀ (୨୦ ମିଟର ଚାଲିବା ଓ ମିଶ୍ରିତ ମାରାଥନ)।

# ଜୟଦେବ ପୁରସ୍କାର ନାମ ପରିବର୍ତ୍ତନ ପ୍ରସଙ୍ଗ ହସ୍ତକ୍ଷେପ ନ କରି ମାମଲା ଖାରଜ କଲେ ହାଇକୋର୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଚଳଚ୍ଚିତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଦିଆଯାଇଆସୁଥିବା ଜୟଦେବ ପୁରସ୍କାରର ନାମ ପରିବର୍ତ୍ତନ କରି ମୋହନ ସୁନ୍ଦରଦାସ ଗୋସ୍ୱାମୀ ପୁରସ୍କାର କରାଯିବାକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଦର୍ଶାଇଛନ୍ତି, ନିୟମାବଳୀଗୁଡିକ ବୈଧାନିକ ନୁହେଁ ଏଣୁ ସରକାରଙ୍କ ନିଷ୍ପତ୍ତିରେ ଅଦାଲତ ହସ୍ତକ୍ଷେପ କରିବେ ନାହିଁ । ସୂଚନାଯୋଗ୍ୟ ଯେ ଓଡ଼ିଶା ଚଳଚ୍ଚିତ୍ର ପୁରସ୍କାର ନିୟମାବଳୀ-୨୦୧୦ରେ ସଂଶୋଧନ ଆଣି ସରକାର ଜୀବନବ୍ୟାପୀ ସାଧନା ଓ ଅବଦାନ ପାଇଁ ଚଳଚ୍ଚିତ୍ର ସହ ଜଡିତ ଥିବା ବ୍ୟକ୍ତିଙ୍କୁ ମୋହନ ସୁନ୍ଦର ଦାସ ଗୋସ୍ୱାମୀ ପୁରସ୍କାର ଦେବାକୁ ନିଷ୍ପତ୍ତି ନେଇଥିଲେ।

# ରାଜ୍ୟରେ ଅଧିକ ଜଙ୍ଗଲ ସୃଷ୍ଟି ପାଇଁ ସରକାର ଲଗାଇବେ ୫ କୋଟି ଚାରା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଅଧିକ ଜଙ୍ଗଲ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ବନ ବିଭାଗ ପକ୍ଷରୁ ଚଳିତବର୍ଷ ବ୍ୟାପକ ଚାରା ରୋପଣ କରିବା ପାଇଁ ପଦକ୍ଷେପ ନିଆଯାଇଛି। ବନବିଭାଗ ରାଜ୍ୟର ବିଭିନ୍ନ ବନଖଣ୍ଡ ଅଞ୍ଚଳରେ ପ୍ରାୟ ୨୫ କୋଟି ବିଭିନ୍ନ କିସମର ଚାରା ରୋପଣ କରିବ। ଏଥିସହିତ ବିଭିନ୍ନ ସଂଗଠନ ଓ ବ୍ୟକ୍ତିଙ୍କୁ ୨୭କୋଟି ଚାରା ବଣ୍ଟନ କରାଯିବ ବୋଲି ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ଚାରା ସମ୍ପୂର୍ଣ୍ଣ ମାଗଣାରେ ଦିଆଯିବ। ଏଥିପାଇଁ ବିଭିନ୍ନ ସଂସ୍ଥା କିମ୍ବା ସଂଗଠନ ପକ୍ଷରୁ ବନ ବିଭାଗକୁ ଆବେଦନ କରିବାକୁ ହେବ। ଆବେଦନକାରୀଙ୍କୁ ବିଭିନ୍ନ ବନଖଣ୍ଡରେ ଉପଲବ୍ଧ ଚାରା ଯୋଗାଇ ଦିଆଯିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। କେବଳ ଚାରା ରୋପଣ ନୁହେଁ, ଏହାକୁ କିପରି ବଞ୍ଚାଇ ରଖାଯିବ, ସେ ଦିଗରେ ମଧ୍ୟ ବିଭାଗ ବିଶେଷ ଦୃଷ୍ଟି ଦେବ ବୋଲି ସେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅସନ୍ତୁଳିତ ପରିବେଶ ଜଳବାୟୁ ଉପରେ ଗଭୀର ପ୍ରଭାବ ପକାଉଛି। ଶୀତ ଓ ବର୍ଷା ଋତୁ କମି ଚାଲିଥିବା ବେଳେ ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି। ଚଳିତବର୍ଷ ଗ୍ରୀଷ୍ମଋତୁରେ ସର୍ବାଧିକ ତାପମାତ୍ରା ରେକର୍ଡ଼ କରାଯାଇଛି। ବ୍ୟାପକ ଜଙ୍ଗଲକ୍ଷୟ ସହିତ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି ପରିବେଶ ଉପରେ କୁପ୍ରଭାବ ପକାଉଛି। କେବଳ ସେତିକି ନୁହେଁ, ସବୁଜ ଗୃହ (ଗ୍ରୀନ୍ ହାଉସ୍) ଯୋଗୁଁ ମଧ୍ୟ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବଢ଼ି ଚାଲିଛି। ଅନିୟନ୍ତ୍ରିତ ବୃଷ୍ଟିପାତ ଓ ଅସହ୍ୟ ଗ୍ରୀଷ୍ମପ୍ରବାହ ବର୍ତ୍ତମାନ ସମଗ୍ର ବିଶ୍ୱ ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। କିଛିବର୍ଷ ହେବ ରାଜ୍ୟରେ ମଧ୍ୟ ଅନିୟମିତ ବର୍ଷା ଓ ଅସହ୍ୟ ଗ୍ରୀଷ୍ମ ପରିଲକ୍ଷିତ ହେଉଛି। ଏଥିଯୋଗୁଁ ରାଜ୍ୟରେ ଚାଷ କାର୍ଯ୍ୟ ବ୍ୟାପକ ପ୍ରଭାବିତ ହୋଇଚାଲିଛି। ବନବିଭାଗ ପକ୍ଷରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଚାରାରୋପଣ କରି ନିଜର କାର୍ଯ୍ୟ ସମ୍ପାଦନ କରି ବିଭାଗ ବସିପଡୁଛି। ଯାହାଦ୍ୱାରା ଏହିସବୁ ଚାରା ବଡ଼ ବୃକ୍ଷରେ ପରିଣତ ହୋଇପାରୁନି। ଚଳିତବର୍ଷ କେବଳ ଚାରାରୋପଣ ନୁହେଁ, ଏହି ଚାରାଗୁଡ଼ିକୁ କିପରି ସୁରକ୍ଷା ଦିଆଯିବ, ସେ ଦିଗରେ ମଧ୍ୟ ସମୁଚିତ ପଦକ୍ଷେପ ନିଆଯିବ ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପର୍ଯ୍ୟଟନ ବିଭାଗ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଚଳିତବର୍ଷ ୪୫ କୋଟି ଚାରା ରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବିଭାଗ ପକ୍ଷରୁ ମା' ପାଇଁ ଗଛଟିଏ ସ୍ଲୋଗାନ ଦିଆଯାଇଛି। ନିଜ ମା' ପାଇଁ ସମସ୍ତେ ଗୋଟିଏ ଲେଖାଏଁ ଚାରା ରୋପଣ କରିବା ସହିତ ଏହାର ସୁରକ୍ଷା କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ମା'ମାନେ ନିଜ ବାଡ଼ି ବଗିଚା କିମ୍ବା ରାସ୍ତା ପାର୍ଶ୍ୱରେ ଚାରାଟିଏ ରୋପଣ କରି ଏହାର ସୁରକ୍ଷା ଦାୟିତ୍ୱ ନେବାକୁ ସେ ମିଶନ ଶକ୍ତି ମା'ମାନଙ୍କୁ ନିବେଦନ କରିଥିଲେ। ପର୍ଯ୍ୟାୟକ୍ରମେ ଏହି ଚାରା ରୋପଣ କରାଯିବ ବୋଲି ମିଶନ ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନିଖୋଜର ତିନି ଦିନ ପରେ ଜଙ୍ଗଲରୁ ମିଳିଲା ମୃତଦେହ : ଗୁଣି ସନ୍ଦେହରେ ୩ଜଣଙ୍କୁ ହତ୍ୟା

**ଔପଦା, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଔପଦା ଥାନା ବଡ଼ପୋଖରୀ ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ଔପଦା ଥାନା ଅନ୍ତର୍ଗତ ବଡ଼ପୋଖରୀ ଗ୍ରାମର ଜାଲିଆ ସିଂଙ୍କ ପତ୍ନୀ ସୋମବାରୀ ସିଂ (୩୭), ଦାମ୍ପା ସିଂ(୪୫) ଓ ତାଙ୍କ ସ୍ତ୍ରୀ ସୁକାନ୍ତି ସିଂ(୩୮) । ଏମାନଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ନେଇ ସୋମବାରିଙ୍କ ପୁଅ ନିରଞ୍ଜନ ସିଂ ଆଜି ଔପଦା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୁଲିସ ସୂଚନା ଅନୁସାରେ, ଗତ ୧ ତାରିଖରୁ ଉପରୋକ୍ତ ୩ ମୃତକ ନିଖୋଜ ରହିଥିଲେ । ଗୁଣିଗାରେଡ଼ି ସନ୍ଦେହରେ ଏମାନଙ୍କୁ କେତେଜଣ ଲୋକ ପିଟି ପିଟି ମାରି ଦେଇ ନିକଟସ୍ଥ ଜଙ୍ଗଲରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି। ମୃତକଙ୍କ ମଧ୍ୟରୁ ସୋମବାରୀଙ୍କୁ ଅତି ନିର୍ମମ ଭାବେ ହତ୍ୟାକରି ମୁଣ୍ଡ ଗଣ୍ଡି ଅଲଗା କରାଯାଇଥିବା ଦେଖିବାକୁ ମିଳିଛି।

# ଜଳ ଓ ମଶାବାହିତ ରୋଗ ସଂକ୍ରମଣ ରୋକିବା ପାଇଁ ସ୍ୱାସ୍ଥ୍ୟବିଭାଗ ତତ୍ପର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏବେଠୁ ଡରାଇଲାଣି ଡେଙ୍ଗୁ। କେବଳ ଡେଙ୍ଗୁ ନୁହେଁ, ବର୍ଷାଦିନରେ ଜଳଜନିତ ରୋଗର ପ୍ରାଦୁର୍ଭାବ ଅଧିକ ରହିଥାଏ। ଝାଡ଼ାବାନ୍ତିରୁ ନେଇ କାମଳ, ମେଲେରିଆ ସହିତ ପେଟ ରୋଗ ଆଦି ଏହି ଦିନରେ ଅଧିକମାତ୍ରାରେ ଦେଖା ଦେଇଥାଏ। ଏହାକୁ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ତୃଣମୂଳସ୍ତରରୁ ସଚେତନତା ସହିତ କିଭଳି ଅଧ ?କ ପଦକ୍ଷେପ ଗ୍ରହଣ କରାଯିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମେଲେରିଆ, ଡେଙ୍ଗୁ ଓ ଡାଇରିଆ (ଏମ୍‌ଡିଡି) ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ସହିତ ଆଲୋଚନା କରାଯାଇଥିଲା। ବିଶେଷକରି ଝାଡ଼ାବାନ୍ତି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ହାତଧୁଆ ପାଇଁ ପରାମର୍ଶ ଦିଆଯିବା ଏହାସହିତ ଔଷଧ ଏବଂ ଓଆରଏସ୍ ମଧ୍ୟ ପ୍ରଦାନ କରାଯିବ। ବର୍ଷା ସମୟରେ ଜଳଜନିତ ରୋଗର ମୁକାବିଲା ସବୁବେଳେ ସ୍ୱାସ୍ଥ୍ୟ ବିଭାଗ ପାଇଁ ଆହ୍ୱାନ ସାଜିଥାଏ। ଡେଙ୍ଗୁ, ମେଲେରିଆ, ଝାଡ଼ା, ଥଣ୍ଡା, ଜ୍ୱର ସହିତ ଜାପାନିଜ ଏନ୍‌ସେଫାଲାଇଟିସ୍ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଥାଏ। ଏସବୁ ରୋଗ ନିମନ୍ତେ ଆଶା କର୍ମୀ ଘରକୁ ଘର ବୁଲିବେ, ସଚେତନ କରିବେ ଏବଂ ରୋଗ ସମ୍ପର୍କରେ ଯାଞ୍ଚ କରିବେ। ଯେଉଁମାନେ ଟିକା ନେଇନଥିବେ ସେମାନଙ୍କୁ ଟିକା ଦିଆଯିବ। ବିଶେଷ କରି ଭାରତ ସରକାରଙ୍କ ପକ୍ଷରୁ ରହିଥିବା ନିର୍ଦ୍ଦେଶନାମା ଆଧାରରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କୁହାଯାଇଥିଲା। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏବଂ ସଂଯୁକ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ : ଫେରସ୍ତ ଦାବି କଲେ ମହିଳା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜନୈକ ଯୁବକ ପ୍ରଲୋଭନ ଦେଖାଇ ଶତାଧିକ ମହିଳାଙ୍କ ଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ କରି ମହିଳାମାନେ ଜିଲ୍ଲା ପ୍ରଶାସନ ଓ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାକୁ ନେଇ ଯାଜପୁର ଟାଉନ୍ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଠକେଇରେ ମୁଖ୍ୟ କାପଟଦ୍ୱାର ତାଉଁତରା ଅଞ୍ଚଳର ଶୁଭକାନ୍ତ ମିଶ୍ରକୁ ଅଟକ ରଖିବା ସହ ତଦନ୍ତ ଜାରି ରଖିଛି। ଏହି ଠକାମୀରେ ସମ୍ମୁଖୀନ ହୋଇଥିବା ମହିଳାମାନେ ଥାନା ଘେରାଉ କରିବା ସହ ସେମାନଙ୍କର ଟଙ୍କା କିପରି ଫେରି ପାଇବେ ତା'ର ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ପରିସ୍ଥିତିକୁ ଦେଖି ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ମହିଳାଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ ଚାଲିଛି, ସମସ୍ତଙ୍କୁ ନ୍ୟାୟ ମିଳିବ ବୋଲି ବୁଝାଇଥିଲେ।

ଘଟଣାରୁ ପ୍ରକାଶ ଯେ, ଯାଜପୁର ଟାଉନ୍ ଥାନାର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଋଣ କରି ଶୁଭକାନ୍ତ ମିଶ୍ରକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ମହିଳାଙ୍କ କିସ୍ତି ବାଦ ଅର୍ଥ ସୁଝିବା ଓ ମାସକୁ ୭୫୦ ଟଙ୍କା ଦେବା ସହ ୫ଖଣ୍ଡ ଶାଢ଼ି ଦିଆଯିବ ବୋଲି ମିଶ୍ର କହିଥିଲେ। ଏପରିକି ଯଦି ଜଣେ ମହିଳା ୧ ଲକ୍ଷ ଟଙ୍କା ଦେବେ ତାଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି କହିଥିଲେ। ମିଶ୍ରଙ୍କ କଥାରେ ଭରସା କରି ଶତାଧିକ ମହିଳାମାନେ ଲୋନ୍ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ କିନ୍ତୁ ସଂପୃକ୍ତ ବ୍ୟକ୍ତି ୫/୬ ମାସ କିସ୍ତି ସୁଝି କିଛି ଅର୍ଥ ଦେଇଥିବାରୁ ତାଙ୍କ ପ୍ରତି ଆମର ବିଶ୍ୱାସ ଜନ୍ମିଥିଲା। ହେଲେ ମାର୍ଚ୍ଚ ମାସ ଠାରୁ ଆଉ କିସ୍ତି ପଇସା ଦେଉନାହାନ୍ତି। ସଂପୃକ୍ତ ବ୍ୟକ୍ତି ନିଜ ହାତରୁ କିସ୍ତି ସୁଝିବା ପାଇଁ ମହିଳାଙ୍କୁ କହିବା ସହ ଶୁଭକାନ୍ତ ମିଶ୍ର କୁଆଡ଼େ ପଳାଇ ଯାଇଛନ୍ତି ବୋଲି ମହିଳାମାନେ ଅଭିଯୋଗ କରିଥିଲେ। ପୁଲିସ ମହିଳାଙ୍କ ଅଭିଯୋଗ ଅନୁଯାୟୀ ଶୁଭକାନ୍ତଙ୍କୁ ଥାନାକୁ ଆଣି ସୋମବାର ପଚରାଉଚରା କରୁଥିବା ବେଳେ ବହୁ ସଂଖ୍ୟକ ମହିଳାମାନେ ଥାନାରେ ପହଞ୍ଚି ଥିଲେ। ସେମାନଙ୍କ କହିବାନୁଯାୟୀ ପୁଲିସ ଯଦି ଶୁଭକାନ୍ତକୁ ଅଦାଲତ ଚାଲାଣ କରେ ତାହେଲେ ଆମେ କିପରି ଆମ ଟଙ୍କା ଫେରସ୍ତ ପାଇବୁ। ଆମେ ଗରିବ ଶ୍ରେଣୀର ଅଟୁ। ଏହି ଋଣ ବୋଝରୁ କିପରି ମୁକ୍ତିପାଇବୁ। ପୁଲିସ ଶୁଭକାନ୍ତକୁ ଆମ ସମ୍ମୁଖରେ ଆଣି ଲେଖାପଢ଼ା କରୁ ଯେ ସେ ଆମକୁ ଟଙ୍କା ଫେରସ୍ତ କରିବ। ହେଲେ ପୋଲିସ ସେମାନଙ୍କୁ ବୁଝେଇଥିଲେ ଯେ ସଂପୃକ୍ତ ବ୍ୟକ୍ତିଙ୍କ ନାଁରେ ଅନ୍ୟ ମହିଳାମାନେ ମଧ୍ୟ ଠକାମୀର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ସମସ୍ତଙ୍କ କଥାକୁ ବିଚାରକୁ ନିଆଯାଇ ଆଇନ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି କହିଥିଲେ।

## ଚାଉଳ ପରିବହନ ଠିକା ପାଇଁ ୧ ଲକ୍ଷ ଟଙ୍କାର ଲାଞ୍ଚ କାରବାର

# ଏଫସିଆଇ ମହାପ୍ରବନ୍ଧକଙ୍କ ସମେତ ୪ ଜଣଙ୍କୁ ଗିରଫ କଲା ସିବିଆଇ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କୋଲକାତାର ଏକ ଘରୋଇ ଫାର୍ମକୁ ଚାଉଳ ପରିବହନ ଠିକା ପାଇଁ ୧ ଲକ୍ଷ ଟଙ୍କାର ଲାଞ୍ଚ କାରବାର ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ଜଣେ ମହାପ୍ରବନ୍ଧକ ଓ ଏକାଉଣ୍ଟସ୍ ମ୍ୟାନେଜରଙ୍କ ସମେତ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରସ୍ଥିତ ଏଫସିଆଇ, ଓଡ଼ିଶା କ୍ଷେତ୍ର ମହାପ୍ରବନ୍ଧକ ପ୍ରେମ ସିଂ ଭନୋତ୍, ଏଫସିଆଇ ଏକାଉଣ୍ଟସ୍ ମ୍ୟାନେଜର ସଞ୍ଜୟ ଦେ, କୋଲକାତାର ମେସର୍ସ ଏସପି ଟ୍ରେଡର୍ସ ଏଣ୍ଡ ସପ୍ଲାୟର୍ସ ପ୍ରାଇଭେଟ୍ ଲିମିଟେଡ୍ର ମାଲିକା ଦେ ଆଲିଆସ୍ ସୌମୀ ଭଟ୍ଟାଚାର୍ଯ୍ୟ ଏବଂ କୋଲକାତାର ଜଣେ ମଧ୍ୟସ୍ଥ ସୟେଦ ହସନେନ୍ ଅହମ୍ମଦ। ଏହି ଚାରି ଜଣଙ୍କ ସମେତ କୋଲାକାତାର ଆଉ ଜଣେ ମଧ୍ୟସ୍ଥ ସ୍ୱପନ କୁମାର ଘୋଷାଲ ଏବଂ କେତେକ ଅପରିଚିତ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ସିବିଆଇ ମାମଲା ରୁଜୁ କରିଛି । ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ଠିକା ସଂସ୍ଥା ଚାଉଳ ପରିବହନ ଠିକା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲା। ଏଫସିଆଇର ଅଭିଯୁକ୍ତ ମହାପ୍ରବନ୍ଧକ ମଧ୍ୟସ୍ଥ ଓ ଏକାଉଣ୍ଟସ୍ ମ୍ୟାନେଜରଙ୍କ ସହାୟତାରେ ଅନୈତିକ ଉପାୟ ଅବଲମ୍ବନ କରି ସମ୍ପୃକ୍ତ ସଂସ୍ଥାକୁ ପରିବହନ ଠିକା ଦେଇଥିଲେ। ସମ୍ପୃକ୍ତ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ ପାଇଁ ଏଫସିଆଇ ମହାପ୍ରବନ୍ଧକ ୫ ଲକ୍ଷ ଟଙ୍କାର ଲାଞ୍ଚ ଦାବି କରିଥିଲେ। ତେବେ ୧ ଲକ୍ଷ ଟଙ୍କା ଲାଞ୍ଚ ପ୍ରଦାନ ବେଳେ ପୂର୍ବରୁ ପ୍ରସ୍ତୁତ ରହିଥିବା ସିବିଆଇର ତଦନ୍ତକାରୀ ଅଧିକାରୀମାନେ ୪ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ସମସ୍ତ ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତରେ ହଜାର କରିବା ପରେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସିବିଆଇ ପକ୍ଷରୁ କୋଲକାତା, ହାଇଦ୍ରାବାଦ ଓ ଭୁବନେଶ୍ୱରରେ ଚଢ଼ାଉ କରାଯାଇ ୫ ଲକ୍ଷ ନଗଦ ଟଙ୍କା, ଲକର ଚାବି, ମୋବାଇଲ, ଲାପଟପ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ମାମଲାରେ ଅଧିକ ତଦନ୍ତ ଜାରି ରହିଛି ।


**କଟକ ଉନ୍ନୟନ କର୍ତ୍ତୃପକ୍ଷ** CAD-459

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ୍ ନଂ-13-2E/451 ଟିକୁ ଶ୍ରୀ ବିଜୟ କୁମାର ପାତ୍ର, ପିତା-ଁଭଗବାନ ପାତ୍ର, ସା-ଗୋବିନ୍ଦପୁର, ପୋ-ମଦନପୁର, ଥା-ରାଜନଗର, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିଜୟ କୁମାର ପାତ୍ର ଉକ୍ତ ପ୍ଲଟ୍‌ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ୧. ଶ୍ରୀ ଅଭିଜିତ ମଜୁମଦାର, ପିତା- ଅରୁଣ କୁମାର ମଜୁମଦାର ଓ ୨. ଶ୍ରୀମତୀ ରଞ୍ଜିତା ମଜୁମଦାର, ସ୍ୱାମୀ- ଅଭିଜିତ ମଜୁମଦାର, ସା-ମେଟ୍ରୋ ପ୍ଲାଜା, ଫ୍ଲାଟ୍ ନଂ-OVA,6th ଫ୍ଲୋର, ବକ୍ସିବଜାର, ଜିଲ୍ଲା-କଟକ-753001 ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0019/2425 ସ୍ୱା/- ସଚିବ


# ପାସ୍‌ପୋର୍ଟ ଦୁର୍ନୀତି ମାମଲା : ଦଲାଲ୍‌ର ଘରେ ସିବିଆଇ ଚଢ଼ଉ

**ନୂଆଦିଲ୍ଲୀ**

କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ(ସିବିଆଇ) ୩୦ ଜୁନ୍ ଏବଂ ୦୧ ଜୁଲାଇ ଦିନ ମୁମ୍ବାଇସ୍ଥିତ ଏକ ଅନ୍ୟ ପାସ୍‌ପୋର୍ଟ ଏଜେଂଟ ଏବଂ ଦଲାଲ୍‌ଙ୍କ କାର୍ଯ୍ୟାଳୟ ଏବଂ ଘର ତଲାସୀ କରିଛି। ସିବିଆଇ ଟିମ୍ ତଲାସୀ ସମୟରେ ୧.୫୯ କୋଟି ଟଙ୍କା, ୫ ଡାୟାରି ଏବଂ ଡିଜିଟାଲ ସାକ୍ଷ୍ୟ ରୂପେ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ଏଥିରେ ଦୁଇଦିନ ପୂର୍ବରୁ ସିବିଆଇ ପାସ୍‌ପୋର୍ଟ ଦୁର୍ନୀତି ମାମଲାରେ ମଲାଡ, ଲୋଅର ପରେଲ ସ୍ଥିତ ପାସ୍‌ପୋର୍ଟ ସେବା କେନ୍ଦ୍ରର ୧୪ ପାସ୍‌ପୋର୍ଟ ସହାୟକ, ବରିଷ୍ଠ ପାସପୋର୍ଟ ସହାୟକଙ୍କ ବିରୋଧରେ ୧୨ ମାମଲା ଏବଂ ଡିଭିଜନାଲ ପାସ୍‌ପୋର୍ଟ କାର୍ଯ୍ୟାଳୟ(ଆରପିଓ) ଭାବେ କାମ କରୁଥିବା ୧୮ ପାସ୍‌ପୋର୍ଟ ଏଜେଣ୍ଟଙ୍କ ବିରୋଧରେ ମଧ୍ୟ କେସ୍ ରୁଜୁ କରିଥିଲେ। ଏହାସହିତ ସିବିଆଇ ମୁମ୍ବାଇର ଦୁଇ ପାସ୍‌ପୋର୍ଟ ସେବାକେନ୍ଦ୍ରରେ ଲାଞ୍ଚଖୋରୀ ମାମଲାରେ ମୁମ୍ବାଇ ଏବଂ ନାସିକରେ ୩୩ ସ୍ଥାନରେ ତଲାସୀ ଅଭିଯାନ ଚଳାଇ ଥିଲା।

## ଭୁବନେଶ୍ୱରରେ ପୁଣି ସବୁଜିମା ଫେରିବ

# ବିଏମ୍‌ସି ମାସକରେ ଲଗାଇବ ଲକ୍ଷେ ଗଛର ଚାରା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ପୁଣି ସବୁଜିମା ଫେରିବ । ଚଳିତ ମୌସୁମୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଲକ୍ଷେ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛି । ୩ ଜୋନରେ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ପ୍ରାଥମିକ ଭାବେ ଶ୍ମଶାନ, ପାର୍କ ଓ ଭିନ୍ନ ଭିନ୍ନ ସରକାରୀ ସ୍ଥାନରେ ଚାରା ରୋପଣ ଲାଗି ବିଏମ୍‌ସି ସ୍ଥାନ ଚିହ୍ନଟ କରିଛି। ଚଳିତବର୍ଷ ହୋଇଥିବା ଗ୍ରୀଷ୍ମ ପ୍ରବାହରେ ଭୁବନେଶ୍ୱରବାସୀ କଲବଲ ହେବା ପରେ ଗୁଳୁଗୁଳି ଓ ଆଦ୍ରତା ବି ଭାରି ପଡ଼ିଲା। ପରେ ଏନେଇ ସବୁଠି ଅସନ୍ତୋଷ ଦେଖାଦେବା ପରେ ଚଳିତବର୍ଷ ବିଏମ୍‌ସି ସାମୁହିକ ଚାରାରୋପଣ କରିବ। ଜଙ୍ଗଲ ସୃଷ୍ଟି ଭିଜନକୁ ଦୃଷ୍ଟିରେ ରଖି ୧ ଲକ୍ଷ ତଥା ତା'ଠାରୁ ଅଧିକ ଚାରାରୋପଣ କରାଯିବ। ଚାରା ରୋପଣରେ ଫୁଲ, ଫଳ, ଛାଇ ଦେବାଭଳି ବଡ଼ବଡ଼ ଗଛକୁ ପ୍ରାଧାନ୍ୟ ଦିଆଯିବ। ଏଥିପାଇଁ ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ (ଓଏଫଡିସି)କୁ ବିଏମ୍‌ସି ପ୍ରାଥମିକ ଭାବେ ୧ ଲକ୍ଷ ଗଛ ମାଗିଛି। ଆବଶ୍ୟକତା ଅନୁଯାୟୀ ଓଏଫଡିସି ଗଛ ଯୋଗାଇବ ଏବଂ ବିଏମ୍‌ସି ଗଛ ଲଗାଇବ। ଆବଶ୍ୟକ ପଡ଼ିଲେ ବିଏମ୍‌ସି ଅଧିକ ଗଛ ମାଗିବ ବୋଲି ସୂଚନା ରହିଛି। ଜୁଲାଇ ୧୫ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସାମୂହିକ ବୃକ୍ଷରୋପଣ ଅଭିଯାନ ଆରମ୍ଭ ହେବ। ଜୁନ୍ ୧୦ରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ବସିଥିବା ଅନ୍ତରୀଣ ବୈଠକରେ ବିଏମ୍‌ସିର ସମସ୍ତ ଡେପୁଟି କମିଶନର ଓ ଜୋନାଲ ଡେପୁଟି କମିଶନରଙ୍କୁ ଡକାଯାଇ ଏନେଇ ଆଲୋଚନା କରାଯାଇଥିଲା। ଗଛ ଲଗାଇବା ପାଇଁ ଖାଲି ସ୍ଥାନ ଚିହ୍ନଟ କରିବାକୁ ଅଧିକାରୀଙ୍କୁ କୁହାଯାଇଥିଲା। ଗଛ ଲାଗିବା ପାଇଁ ଜାଗା ଚିହ୍ନଟ କରିଛି। ବିଏମ୍‌ସିର ଉତ୍ତର ଜୋନ୍‌ରେ ୧୭ ହଜାରରୁ ଊର୍ଦ୍ଧ୍ୱ ଗଛ ଲାଗିବାକୁ ଥିବାବେଳେ ସେଥିରୁ ପାର୍କରେ ୧୧ହଜାରରୁ ଊର୍ଦ୍ଧ୍ୱ ଶ୍ମଶାନରେ ୨ ହଜାରରୁ ଊର୍ଦ୍ଧ୍ୱ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଆରଡବ୍ଲ୍ୟୁଏ ସହ ସରକାରୀ ସ୍ଥାନରେ ୪ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଯିବ। ସେହିପରି ଦକ୍ଷିଣ ପଶ୍ଚିମ ଜୋନରେ ପ୍ରାୟ ୧୫ ହଜାର ଗଛ ଲଗାଯିବାକୁ ଥିବାବେଳେ ସେଥିରୁ ପାର୍କରେ ୪ ହଜାର, ଶ୍ମଶାନରେ ୩ହଜାରରୁ ଊର୍ଦ୍ଧ୍ୱ ଓ ବାକି ସ୍ଥାନରେ ପ୍ରାୟ ୭ ହଜାର ଗଛ ଲଗାଯିବ । ଅନୁରୂପ ଭାବେ ଦକ୍ଷିଣ ପୂର୍ବ ଜୋନରେ ୨୧ ହଜାରରୁ ଊର୍ଦ୍ଧ୍ୱ ଗଛ ଲାଗିବ। ଯେଉଁଥିରୁ ପାର୍କରେ ପ୍ରାୟ ୪ ହଜାର, ଶ୍ମଶାନରେ ପ୍ରାୟ ୧୦ ହଜାର ଏବଂ ଅନ୍ୟଠି ପ୍ରାୟ ୧୦ ହଜାର ଗଛ ଲଗାଯିବାକୁ ପ୍ରାଥମିକ ଭାବେ ସ୍ଥାନ ଚିହ୍ନଟ କରାଯାଇଛି। ଏଥିପାଇଁ ପ୍ରତି ଜୋନ୍‌ରେ ୩ଜଣ ଲେଖାଏଁ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଗତବର୍ଷ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ମୋଟ୍ ୧୦ହଜାର ଗଛ ଲଗାଯାଇଥିଲା। ତେବେ ସେଥିରୁ କେତେ ଗଛ ବଞ୍ଚିଛି ସେନେଇ ବିଏମ୍‌ସି ପାଖରେ ହିସାବ ନାହିଁ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୬ ଜୁଲାଇ, ୨୦୨୪ ଶନିବାର





# ଓଡ଼ିଆ ଭାଷା ଅମଲାତାନ୍ତ୍ରିକ ଚକ୍ରାନ୍ତର ଶିକାର ନ ହେଉ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଭାଷାରେ ଓଡ଼ିଶା ଶାସନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବିଭିନ୍ନ ମହଲରେ ବିପୁଳ ସ୍ୱାଗତ କରାଯାଇଛି। ତେବେ ପୂର୍ବ ସରକାରଗୁଡ଼ିକରେ ଓଡ଼ିଆ ଭାଷାରେ ଓଡ଼ିଶାର ଶାସନ କରିବା ନେଇ ଘୋଷଣା କରାଯାଇଥିଲେ ବି ତାହାକୁ କାର୍ଯକାରୀ କରାଯାଇ ନଥିଲା। ଏବେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ଘୋଷଣାରେ ରହିବ ନା ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ ହେବ ତାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। ପୂର୍ବଭଳି ଓଡ଼ିଆ ଭାଷା ଅମଲାତାନ୍ତ୍ରିକ ଚକ୍ରାନ୍ତର ଶିକାର ନ ହେଉ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ଓଡ଼ିଆ ଭାଷା ଆନ୍ଦୋଳନ ଆଜି କିମ୍ବା କାଲିର ନୁହେଁ, ଦଶନ୍ଧି ଦଶନ୍ଧି ଧରି ଓଡ଼ିଆ ଜାତିର ଭାଷାପ୍ରେମୀ ମହାନ ସଂଗ୍ରାମୀମାନେ ଏହି ଆନ୍ଦୋଳନ ଜାରି ରଖିଛନ୍ତି। ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଆ ଭାଷାକୁ ଓଡ଼ିଶାର ସମସ୍ତ ସରକାରୀ କାମରେ ବ୍ୟବହାର କରିବା ପାଇଁ ଓଡ଼ିଶା ବିଧାନସଭାରେ ୧୯୫୪ ଓଡ଼ିଶା ରାଜଭାଷା ଆଇନ ଗୃହୀତ ହୋଇଥିଲା। କିନ୍ତୁ ସେତେବେଳେ ପ୍ରଣୀତ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ ପ୍ରସ୍ତୁତ କରାଯାଇ ନଥିବାରୁ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାର ବ୍ୟବହାର ହୋଇପାରିନଥିଲା। ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଆ ଭାଷାରେ ସରକାର କାର୍ଯ୍ୟ କରିବାକୁ ବିଜ୍ଞପ୍ତି ଜାରି କରିଥିଲେ। ବିଜ୍ଞପ୍ତି ସିନା ଜାରି ହେଲା, କିନ୍ତୁ ଇଂରାଜୀ ମନୟ ଅମଲାତନ୍ତ୍ର ଏହାକୁ କାର୍ଯ୍ୟକାରୀ କରିବାକୁ ଆଗ୍ରହ ପ୍ରକାଶ କଲେ ନାହିଁ। ୧୯୮୫ ମସିହାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉତ୍କଳ ଦିବସଠାରୁ କଡ଼ାକଡ଼ି ଭାବେ ଓଡ଼ିଶା ସରକାରୀ ଭାଷା ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଲେ । ସଚିବାଳୟ ଓ ଜିଲ୍ଲା ସ୍ତରରେ ଓଡ଼ିଆ ଟାଇପ୍ ରାଇଟର କିଣାଗଲା। ପ୍ରଶାସନିକ ଶବ୍ଦକୋଷ ପ୍ରକାଶ ପାଇଲା। ଅମଲାତନ୍ତ୍ରର ନିରବ ପ୍ରତିବାଦ ସତ୍ତ୍ୱେ ରାଜନୈତିକ ଇଚ୍ଛା ଶକ୍ତି ରାଜ୍ୟବାସୀଙ୍କୁ ଖୁସି ଦେଇଥିଲା। ୧୯୯୫ ମସିହାରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାକୁ ସେ ଉଦ୍ୟମ କରିଥିଲେ। ଏମିତିକି ତାଙ୍କ ପାଖକୁ ଆସିଥିବା ଫାଇଲ୍ ଓଡ଼ିଆରେ ନଥିଲେ ସେ ଫେରାଇ ଦେଉଥିଲେ। କିନ୍ତୁ ସରକାର ବଦଳିବା ପରେ ଉଭୟ ରାଜନୈତିକ ଓ ଅମଲାତନ୍ତ୍ରର ଅନାଗ୍ରହ ଓଡ଼ିଆ ଭାଷାର ବିକାଶ ଉପରେ ରୋକ୍ ଲଗାଇଥିଲା। ସରକାରୀ କଳର ଓଡ଼ିଆ ଭାଷା ବିଦ୍ୱେଷ ଓ ରାଜନୈତିକ ଇଚ୍ଛାଶକ୍ତି ଇଂରାଜୀ ଭାଷା ଆଡ଼କୁ ଢଳିଥିବା କାରଣରୁ ଓଡ଼ିଆ ଭାଷା ଅବହେଳାର ଶିକାର ହେଲା। ୨୦୧୪ ମସିହାରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ରୂପେ କେନ୍ଦ୍ର ସରକାର ମାନ୍ୟତା ଦେଲେ। ଏହାପରେ ନିଜର ମାତୃଭାଷାରେ ଓଡ଼ିଶା ଶାସନ କରିବାକୁ ଦାବି ଜୋର୍ ଧରିଥିଲା। ଭାଷାପ୍ରେମୀମାନେ ଏକାଠି ହୋଇ 'ଭାଷା ଆନ୍ଦୋଳନ' ସାରା ରାଜ୍ୟରେ ଆରମ୍ଭ କଲେ। ନୀରବ କଳା ପତକା ପ୍ରଦର୍ଶନ କରାଯାଇ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଗଲା। ଏହାପରେ ୨୦୧୯ ମସିହାରେ ୧୯୫୪ ଭାଷା ଆଇନକୁ ସଂଶୋଧନ କରାଗଲା। ଓଡ଼ିଆ ଭାଷା ବ୍ୟବହାର ନକଲେ ଦଣ୍ଡବିଧାନ ବ୍ୟବସ୍ଥା ରହିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଲେ। ହେଲେ ରାଜନୈତିକ ଇଚ୍ଛା ଶକ୍ତି ଅଭାବ ଓ ଅମଲାତନ୍ତ୍ରର ଚକ୍ରାନ୍ତର ଶିକାର ହୋଇ ଓଡ଼ିଆ ଭାଷା ସେମିତି ଗୌଣ ହୋଇଗଲା। ଭାଷାକୁ ନେଇ ସରକାରଙ୍କ ବହୁ ଘୋଷଣା କାର୍ଯ୍ୟକାରୀ ହୋଇପାରିଲାନି। କେବଳ ସଂସ୍କୃତି ବିଭାଗକୁ ବାଦ୍ ଦେଲେ ଅନ୍ୟ ବିଭାଗଗୁଡ଼ିକରେ କାଁ ଭାଁ ଓଡ଼ିଆରେ ଫାଇଲ୍ କାମ ହେଲା। ସରକାର ବି ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ପାଇଁ ଆନ୍ତରିକତା ଦେଖାଇଲେନି। କେବଳ ଯାହା ନିଜର ପ୍ରଚାର, ପ୍ରସାର ପାଇଁ ତାହାକୁ ମାଧ୍ୟମ କଲେ। ଫଳରେ ବିଜେପି ଏହାକୁ ପ୍ରସଙ୍ଗ କରି ଓଡ଼ିଶାରେ ସରକାରକୁ ଆସିଲା, ଆଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷାରେ ଓଡ଼ିଶାରେ ଶାସନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅମଲାତାନ୍ତ୍ରିକ ଚକ୍ରାନ୍ତରେ ପୂର୍ବ ଭଳି ଓଡ଼ିଆ ଭାଷା ଛଳନାର ଶିକାର ହେବ ନା ମୋହନ ସରକାର ଅମଲାତନ୍ତ୍ରର ଚକ୍ରାନ୍ତରୁ ବାହାରି ଓଡ଼ିଆ ଭାଷାକୁ ନ୍ୟାୟ ଦେବେ ତା' ଉପରେ ସମସ୍ତଙ୍କ ନଜର।

# ରାଜଧାନୀରେ ମୋବାଇଲ ଚୋରି କରୁଥିବା କେଟିଏମ୍ ଗ୍ୟାଙ୍ଗର ୩ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ରାଜଧାନୀରେ ଲୁଟ୍‌ପାଟ କରୁଥିବା କେଟିଏମ୍ ଗ୍ୟାଙ୍ଗକୁ ଠାବକରିଛି ମୈତ୍ରୀ ବିହାର ଥାନା ପୁଲିସ । ଗ୍ୟାଙ୍ଗ ମୁଖ୍ୟ ସୂର୍ଯ୍ୟ ସମେତ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଡିଏ କଲୋନୀ ଇଡବ୍ଲ୍ୟୁଏସ୍ ପାର୍କ ଅଞ୍ଚଳର ସୂର୍ଯ୍ୟ ବିଷୋୟୀ (୨୦), ସାଲିଆ ସାହିର ଦେବାଶିଷ ବେହେରା (୧୯) ଓ ଶାସ୍ତ୍ରୀ ନଗରର ଋଷିକେଶ ଓରଫ୍ ମୁନା ରଣା (୨୦)। ପୁଲିସ ସୂଚନା ଅନୁସାରେ, ପଟିଆସ୍ଥିତ ଏକ ଘରୋଇ ବିଶ୍ୱ ବିଦ୍ୟାଳୟର ପ୍ରଫେସର୍ ଦେବାଶିଷ ମିଶ୍ର ହାତିଆଶୁଣୀ ଛକ ନିକଟରେ ଯାଉଥିବା ସମୟରେ ସୂର୍ଯ୍ୟ ଦେବାଶିଷ ଓ ମୁନା ଏକ କେଟିଏମ ବାଇକରେ ପଛ ପାଖରୁ ଆସି ତାଙ୍କ ମୋବାଇଲ ଫୋନଟିକୁ ଛଡ଼ାଇ ନେଇଥିଲେ। ଏନେଇ ଶ୍ରୀ ମିଶ୍ର ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ୩ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହିତ ଚଢ଼ଉ କରି ଥାନାକୁ ଉଠାଇ ଆଣିଥିଲା। ସେମାନଙ୍କ ହେପାଜତରୁ ୧୧ ଟି ଚୋରା ମୋବାଇଲ ଫୋନ, ଗୋଟିଏ କେଟିଏମ ବାଇକ, ନଗଦ ୬୦ ହଜାର ଟଙ୍କା ଜବତ କରିଥିଲା। ଅଭିଯୁକ୍ତମାନଙ୍କ ନାମରେ ମୈତ୍ରୀ ବିହାର ଥାନାରେ ୪ଟି ଓ ଇନ୍‌ଫୋସିଟି ଥାନାରେ ୨ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ତଦନ୍ତ ପରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ମୋବାଇଲ୍ ଚୋରି କରିବା ପରେ ସୂର୍ଯ୍ୟ ତାଙ୍କ ଫୋନରୁ ସିମ୍ ବାହାର କରି ଅନ୍ୟ ଏକ ଫୋନରେ ପକାଇଥିଲା। ଏହାପରେ ଦେବାଶିଷଙ୍କ ଫୋନ୍-ପେ ଲଗ୍-ଇନ୍ କରିଥିଲା। ପାସୱାର୍ଡକୁ ରିସେଟ୍ କରି ନୂଆ ପିନ୍ କୋଡ୍ ଦେଇଥିଲା। ଏହାପରେ ସାଲିଆ ସାହିରେ ଥିବା ଏକ ଜନସେବା କେନ୍ଦ୍ରକୁ ଯାଇ ଦେବାଶିଷଙ୍କ ଆକାଉଣ୍ଟରୁ ଫୋନ୍-ପେ ମାଧ୍ୟମରେ ୯୦ ହଜାର ଟଙ୍କା ପଠାଇ ସେଠାରୁ ନଗଦ ଟଙ୍କା ଆଣିଥିଲା । ଅଧିକ ଟଙ୍କା ଉଠାଣ ନ ହୋଇ ପାରିବାରୁ ପ୍ରାୟ ୩୫ ହଜାର ଟଙ୍କାରେ ଅନ୍‌ଲାଇନରୁ ଏକ ୱାସିଂ ମେସିନ୍ ଓ ଫ୍ରିଜ୍ କିଣିଥିଲା। ତଦନ୍ତରୁ ଏହା ଜଣାପଡ଼ିବା ପରେ ପୁଲିସ ୱାସିଂ ମେସିନ୍ ଓ ଫ୍ରିଜକୁ ଜବତ କରିଥିଲା ।

# ଭୋଲେ ବାବାଙ୍କୁ ସୁରକ୍ଷା ଦେଉଛି କିଏ; ଭୋଲେ ବାବାଙ୍କ ଅପରାଧିକ ଭିତ୍ତିଭୂମିକୁ ଖୋଳତାଡ଼ କରୁଛି ପୁଲିସ

**ଲକ୍ଷ୍ନୌ**



ହାଥରସ ସତ୍‌ସଂଗ ଅଘଟଣ ସାରା ଦେଶରେ ଚର୍ଚ୍ଚାରେ ରହିଛି। ଏହି ଦୁର୍ଘଟଣାରେ ୧୨୨ ଜଣଙ୍କ ମୃତ୍ୟୁ ଏବଂ ଶତାଧିକ ଆହତ ହୋଇଥିବା ସତ୍ତ୍ୱେ ମୁଖ୍ୟ ଆୟୋଜନକାରୀ ଏବଂ ବକ୍ତା ନାରାୟଣ ସାକାର ହରି ଓରଫ ଭୋଲେ ବାବାଙ୍କୁ ଗିରଫ କରାଯାଇ ନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ସରକାର ଭୋଲେ ବାବାଙ୍କୁ କାହିଁକି ସୁରକ୍ଷା ଦେଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ସୂଚନା ଅନୁଯାୟୀ ରାଜନୈତିକ ସମ୍ପର୍କ ଏବଂ ଜନତାଙ୍କ ମଧ୍ୟରେ ଥିବା ଦବଦବା ଯୋଗୁଁ ପ୍ରଶାସନ ଏବଂ ପୁଲିସ ତାଙ୍କୁ ହାତ ମାରିପାରୁ ନାହିଁ। ପଶ୍ଚିମ ଉତ୍ତର ପ୍ରଦେଶ (ୟୁପି)ର ୨୬ ଜିଲ୍ଲାର ଦଳିତ ଏବଂ ଓବିସିଙ୍କ ଉପରେ ବାବାଙ୍କ ପ୍ରଭାବ ରହିଛି। ଏହି ସବୁ ଜିଲ୍ଲାର ୨୨ ପ୍ରତିଶତ ଦଳିତ ଏବଂ ୧୭ ପ୍ରତିଶତ ଓବିସି (ଜାଟ୍‌ଙ୍କୁ ଛାଡ଼ି) ଅଛନ୍ତି। ଏମାନେ ନାରାୟଣ ସାକାରଙ୍କ ଅନୁଗାମୀ। ୟୁପିର ୫୦ ଲକ୍ଷରୁ ଅଧିକ ଦଳିତ ସିଧାସଳଖ ଭାବେ ସାକାରଙ୍କ ଆଶ୍ରମ ସହ ଜଡ଼ିତ ଅଛନ୍ତି। ଅନୁଗାମୀଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ରହିଛି। ଏହି କ୍ଷେତ୍ରରେ ୨୭ ଲୋକସଭା ଏବଂ ୧୩୭ ବିଧାନସଭା ଆସନ ରହିଛି। ଏଥିଯୋଗୁଁ ଦୁର୍ଘଟଣା ପରେ ପ୍ରତ୍ୟେକ ରାଜନୈତିକ ଦଳ ଭୋଲେ ବାବାଙ୍କ ନାମ ନେବାରୁ ଦୂରେଇ ରହୁଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ନେଇ ପ୍ରଶାସନ ଉପରେ ଦୋଷ ଲଦିଛନ୍ତି। ଏହା ମଧ୍ୟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶୁକ୍ରବାର ହାଥରସ ଗସ୍ତରେ ଆସୁଛନ୍ତି । ସେ ପୀଡ଼ିତ ଏବଂ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିପାରନ୍ତି । ପୁଲିସ ଏତଲାରେ ମଧ୍ୟ ବାବାଙ୍କୁ ସୁରକ୍ଷା ଦିଆଯାଇଛି । ଏଥିରେ ଲେଖାଯାଇଛି ଯେ କାର୍ଯ୍ୟକ୍ରମରେ ୮୦ ହଜାର ଲୋକ ସାମିଲ ହେବେ ବୋଲି ଆୟୋଜନକାରୀ ଦେବ ପ୍ରକାଶ ମଧୁକର କହିଥିଲେ । କିନ୍ତୁ ସର୍ତ୍ତ ଉଲ୍ଲଙ୍ଘନ କରି ପ୍ରାୟ ଅଢ଼େଇ ଲକ୍ଷ ଲୋକ ସାମିଲ ହୋଇଥିଲେ। ଏହି ଏତଲାରେ ବାବାଙ୍କ ନାମ ମଧ୍ୟ ସାମିଲ କରାଯାଇ ନ ଥିଲା। ସେହିପରି ବାବା ଲୋକଙ୍କଠାରୁ ଦାନ ନେଉ ନ ଥିବା କୁହାଯାଉଛି। ମାତ୍ର ତାଙ୍କ ପାଖରେ ଶହେ କୋଟିରୁ ଅଧିକ ଟଙ୍କାର ଆଶ୍ରମ ଏବଂ ଜମି ରହିଛି। ୨୫ରୁ ୩୦ ବିଳାସପୂର୍ଣ୍ଣ କାର୍ ମଧ୍ୟ ଅଛି। ସେ ୧୫ଟି ଗାଡ଼ି ଧରି ହାଥରସରେ ପହଞ୍ଚି ଥିଲେ। ଅନ୍ୟପକ୍ଷରେ ନିଜକୁ ଭଗବାନଙ୍କ ଅବତାର କହୁଥିବା ନାରାୟଣ ସାକାର ହରିଙ୍କ ରାଜସ୍ଥାନ ଲିଙ୍କ୍ ସାମ୍ନାକୁ ଆସିଛି। ଦୌସାର ପ୍ରଶ୍ନପତ୍ର ପ୍ରଘଟ ମାଫିଆ ହର୍ଷବର୍ଦ୍ଧନର କୋଠାରେ ପ୍ରତି ୪ ମାସରେ ଥରେ ବାବାଙ୍କ ଦରବାର ଲାଗୁଥିଲା । ୪ ମାସ ତଳେ ଫେବୃଆରୀରେ ଜେଇଏନ ନିଯୁକ୍ତି ପରୀକ୍ଷା-୨୦୨୦ ପ୍ରଶ୍ନପତ୍ର ପ୍ରଘଟ ଅଭିଯୁକ୍ତ ହର୍ଷବର୍ଦ୍ଧନ ପଟୱାରିକୁ ଏସଓଜି ଗିରଫ କରିବା ପରେ ସାକାର ହରିଙ୍କ ଦରବାର ଚର୍ଚ୍ଚାରେ ରହିଥିଲା। ପଟୱାରିର ଘରେ ହିଁ ବାବା ରହୁଥିଲେ । ଏହି ଦରବାରର ଆଳରେ ହର୍ଷବର୍ଦ୍ଧନ ପ୍ରଶ୍ନପତ୍ର ପ୍ରଘଟ ରାକେଟ ଚଳାଉଥିଲା

# ନିଯୁକ୍ତି ପ୍ରକ୍ରିୟାର ହେବ ସରଳୀକରଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଚାଲୁଥିବା ନିଯୁକ୍ତି ପ୍ରକ୍ରିୟାର ହେବ ସରଳୀକରଣ। ନିଯୁକ୍ତି ପରୀକ୍ଷା କମାଇବା ପାଇଁ ସମାନ ଯୋଗ୍ୟତା ବିଶିଷ୍ଟ ବିଭିନ୍ନ ପରୀକ୍ଷାକୁ ଏକତ୍ରୀକରଣ କରାଯିବ। ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ବୁଧବାର ମୁଖ୍ୟ ଶାସନ ସଚିବ କରିଥିବା ସମୀକ୍ଷା ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ନିଯୁକ୍ତି ନିୟମରେ ବହୁ ଅନାବଶ୍ୟକ ବ୍ୟବସ୍ଥା ରହିଛି। ଉଦାହରଣ ସ୍ୱରୂପ ଲାଇଭଷ୍ଟକ୍ ଇନିସପେକ୍ଟର ପଦରେ ନିଯୁକ୍ତି ପାଇଁ ପରୀକ୍ଷାର୍ଥୀମାନେ ସାଇକେଲ ଚାଳନା କରିବାର ନିୟମ ରହିଛି। ବିନା ଦ୍ୱିଧାରେ ସମ୍ପ୍ରତି ଏହାକୁ ଅନାବଶ୍ୟକ କୁହାଯାଇ ପାରିବ। ଏହା ନିଯୁକ୍ତି ପରକ୍ରିୟାକୁ ବିଳମ୍ବିତ କରୁଛି। ଏହାସହ କିଛି ପରୀକ୍ଷାରେ ମଧ୍ୟ ବହୁ ଅନାବଶ୍ୟକ ଯୋଜନା ଓ ପାଠ୍ୟକ୍ରମ ରହିଥିବା ଆଲୋଚନା ହୋଇଛି। ଅନୁରୂପ ଭାବେ ରାଜ୍ୟରେ ୧ଲକ୍ଷ ୩୪ ହଜାର ୬୭ ଟି ବେସ୍ ଲେବୁଲ୍ ପଦ ଖାଲି ରହିଛି। ତନ୍ମଧ୍ୟରୁ ୯୩ ହଜାର ୫୨୪ ପଦରେ ନିଯୁକ୍ତି କରିବା ପାଇଁ ନିଯୁକ୍ତି କମିଟି ଅନୁମୋଦନ କରିଛି । ୮୦ ହଜାର ୧୭୩ଟି ପଦରେ ନିଯୁକ୍ତି ଦେବା ପାଇଁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାକୁ ପରୀକ୍ଷା କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ସମସ୍ତ କ୍ୟାଡର ରୁଲ୍, ନିଯୁକ୍ତି ନିୟମ ସମ୍ପର୍କରେ ଆସନ୍ତା ୭ ଦିନ ମଧ୍ୟରେ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ବିଭାଗ କୌଣସି ନିୟମକୁ ଅନାବଶ୍ୟକ ମନେକରେ ତେବେ ତାକୁ ସଂଶୋଧନ କରିପାରିବେ ବୋଲି କୁହାଯାଇଛି।

## ଅନ୍‌ଲାଇନ୍‌ରେ ଡ୍ରେସ୍ ଅର୍ଡର କରି ୫ ଲକ୍ଷ ହରାଇଲେ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅନ୍‌ଲାଇନ୍‌ରେ ଡ୍ରେସ୍ ଅର୍ଡର କରି ଜଣେ ଯୁବତୀ ୫ ଲକ୍ଷ ଟଙ୍କାର ସାଇବର ଠକାମିର ଶିକାର ହୋଇଛନ୍ତି। ଶିକାର ହୋଇଥିବା ଯୁବତୀ ହେଲେ ଇତିଶ୍ରୀ ରାଉତ। ସେ ଏନେଇ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଇତିଶ୍ରୀ ଅନ୍‌ଲାଇନ୍‌ରେ ଏକ ଡ୍ରେସ୍ ମଗାଇଥିଲେ । କିନ୍ତୁ ଡ୍ରେସ୍ ଠିକ୍ ସମୟରେ ନଆସିବାରୁ ସେ ଗୁଗଲକୁ ଯାଇ କମ୍ପାନୀର ଟୋଲ ଫ୍ରି ନମ୍ବର ଖୋଜି କଲ୍ କରିଥିଲେ । କଲ୍ କରିବା ପରେ ଠକ ତାଙ୍କ ଓଟିପି ମାଗିଥିଲେ । ଠକ କହିବା ଅନୁସାରେ ଇତିଶ୍ରୀ ଓଟିପି ଦେବା ପରେ ୬ଟି କିସ୍ତିରେ ୫ଲକ୍ଷ ଟଙ୍କା କଟିଯାଇଥିଲା ।

# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସିଆରପି ମୁଣ୍ଡା ସାହିରେ ରହୁଥିବା ମୟୂରଭଞ୍ଜ ଜିଲ୍ଲା ସରସାଲ ଅଞ୍ଚଳର ମହେଶ ହେମ୍ବ୍ରମ (୧୯) । ପୁଲିସ ସୂଚନା ଅନୁସାରେ, ନୂଆପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କ ସହିତ ମହେଶ ମଧ୍ୟରେ ଉତ୍ତମ ବନ୍ଧୁତା ରହିଥିଲା। ମହେଶ ଗତ ମଙ୍ଗଳବାର ଦିନ ପୀଡ଼ିତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ନିଜ ଘରକୁ ଡାକି ନେଇଥିଲା । ସେହିଦିନ ରାତିରେ ନାବାଳିକାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲା। ନାବାଳିକା ଜଣଙ୍କ ତା ପରଦିନ ସକାଳେ ଘରକୁ ଫେରି ନିଜ ବାପାଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପୀଡ଼ିତାଙ୍କ ବାପା ମହେଶ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଏହି ଘଟଣା ସମ୍ପର୍କରେ ଜଣାଇଥିଲେ । ହେଲେ ତାଙ୍କ ଘର ଲୋକ ଏହାକୁ ପ୍ରତ୍ୟାଖାନ କରିଥିଲେ। ପରେ ନାବାଳିକା ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଗୁରୁବାର ମହେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

# ସିଏମ୍‌ଓରୁ ୪ ଅଧିକାରୀ ଅପସାରିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ରେ କାର୍ଯ୍ୟରତ ଚାରି ଜଣ ଓଏଏସ୍ ଅଧିକାରୀଙ୍କୁ ସେଠାରୁ ଅପସାରଣ କରାଯାଇଛି। ସମସ୍ତଙ୍କୁ ସାଧାରଣ ପ୍ରଶାସନ ବିଭାଗରେ ଅବସ୍ଥାପିତ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବିଜ୍ଞପ୍ତି ଅନୁସାରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଲାଲା ମନୋଜ କୁମାର ରାୟ, ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ରବୀନ୍ଦ୍ର କୁମାର ସେଠୀ, ସିଏମ୍‌ଓ ତଥା କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଏବଂ ଯୁଗ୍ମ ସଚିବ ମନୋଜ କୁମାର ସ୍ୱାଇଁଙ୍କ ବଦଳି କରାଯାଇଛି।

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANGUL IRRIGATION DIVISION, ANGUL.
e-Mail Id – eeangulirrigation@gmail.com

A-122

'e'-Procurement Notice No. SE-AID-3/2024-25

The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in double cover** system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | **02 (Two) Nos.** Flood Protection Works |
| 2 | Cost of work put to tender | : | Approximately **Rs. 60.69 Lakh to Rs. 67.80 Lakh** |
| 3 | Tender Paper Cost | : | **Rs.10,000/-** (Non Refundable) |
| 4 | Class of Contractor | : | **'B'** |
| 5 | Period of Completion | : | **120 Days** |
| 6 | Availability of Bid Documents and receipt of bid through online | : | From **10.00 A.M of Dtd.10.07.2024 to 5.00 P.M of 29.07.2024** in the website **(www.tendersodisha.gov.in)** |
| 7 | Date, time & place for opening of online tenders | : | **Dtd.30.07.2024** at **11.00 A.M** and onwards in the o/o the SE, Angul Irrigation Division, Angul. |
| 8 | Date, time & Place for finalization of tender through transparent lottery system (if required) | : | To be intimated after evaluation of Technical Bid. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- **eeangulirrigation@gmail.com** |

Further details can be seen from the e-procurement portal of Government of Odisha at **www.tendersodisha.gov.in**

**Superintending Engineer**
**Angul Irrigation Division**
**Angul**

**OIPR : 32049/11/0006/2425**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାରା ରାଜ୍ୟରେ...

ଜୀବନଶୈଳୀରେ ପରିବର୍ତ୍ତନ ଓ ଜମି, ଜଳ ଓ ଜଙ୍ଗଲର ସୁରକ୍ଷା ବର୍ତ୍ତମାନ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ବୋଲି ସେ କହିଥିଲେ। ଏଥିପାଇଁ ସରକାରଙ୍କ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ପିଲାମାନଙ୍କୁ ପରିବେଶ ପ୍ରତି ସଚେତନ ହେବାକୁ ଓ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ଉତ୍ସବର ଆଭିମୁଖ୍ୟ ତଥା ଉପଦେୟତା ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ଚଳିତ ବର୍ଷ ପଥପାର୍ଶ୍ୱ ବନୀକରଣ ଏବଂ ସହରାଞ୍ଚଳ ବନୀକରଣ ନିମନ୍ତେ ୩୦ ମାସିଆ ଚାରା ଉତ୍ପାଦନ କରାଯିବ।ଏହି ମହୋତ୍ସବରେ ଜଙ୍ଗଲ ବିଭାଗର ବିଭାଗୀୟ ଅଧିକାରୀ, ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି, ନିମନ୍ତ୍ରିତ ଅତିଥି, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଏହି ସମାରୋହ ପାଳିତ ହୋଇଥିଲା । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ କର କମଳରେ ତଥା ଅନ୍ୟାନ୍ୟ ଅତିଥିଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ 'ଏକ ପେଡ ମା କେ ନାମ' ଅଭିଯାନର ଆହ୍ୱାନ କ୍ରମେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ବିଦ୍ୟାଳୟ ପ୍ରାଙ୍ଗଣରେ ଗଛ ଲଗାଇଥିଲେ।ବତାସର ବନସଂରକ୍ଷଣ ସମିତି, ନବରଙ୍ଗପୁର ଏବଂ ସାଗରପାଲି ବନସଂରକ୍ଷଣ ସମିତି, ସୁନ୍ଦରଗଡଙ୍କୁ ଉଲ୍ଲେଖନୀୟ ଜଙ୍ଗଲ ସୁରକ୍ଷା ଏବଂ ବନୀକରଣ କାର୍ଯ୍ୟ ପାଇଁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଦୁଇଟି ଅନୁଷ୍ଠାନକୁ ୧ ଲକ୍ଷ ଟଙ୍କା ଲେଖାଏଁ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ଜଙ୍ଗଲ ବାହିନୀ ପ୍ରମୁଖ ଦେବୀଦତ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ୭୫ତମ ବନ ମହୋତ୍ସବ ୨୦୨୪ ନାମକ ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଯେଉଁଥିରେ ଜଙ୍ଗଲ ବିଭାଗର ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ବିବରଣୀ ରହିଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବନ ମହୋତ୍ସବ ବିଷୟରେ ସଚେତନତା ଆଣିବା ନିମନ୍ତେ ଭାଷଣ, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆରସିସିଏଫ୍ (ଭୁବନେଶ୍ୱର) ଅଶ୍ୱିନୀ କର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ଇନଫର୍ମର ...

ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ଗୁରୁବାର ରାତିରେ ବହୁ ସଂଖ୍ୟାରେ ନକ୍ସଲ ଗାଁରେ ପହଞ୍ଚି ଚେତୁରାମଙ୍କୁ ଘରୁ ଉଠାଇ ନେଇ ଜଙ୍ଗଲରେ ନିସ୍ତୁକ ମାଡ ମାରିବା ସହ ହତ୍ୟା କରିଥିଲେ। ପ୍ରକାଶ ଥାଉକି ଗତ ଜୁନ ୭ ତାରିଖରେ ପୁଲିସ ୬ ଜଣ ନକ୍ସଲକୁ ମାରିଥିଲା। ତେଣୁ ଏହି ଅଞ୍ଚଳରେ ନକ୍ସଲ ପହଞ୍ଚି ଲୋକଙ୍କୁ ଭୟଭୀତ କରାଇବା ପାଇଁ ଜଣକୁ ହତ୍ୟା କରିଥିବା କୁହାଯାଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୁରକ୍ଷାକର୍ମୀ ମଧ୍ୟ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଦେଇଛନ୍ତି।

## କନଜରଭେଟିଭ ପାର୍ଟିକୁ ...

ଜନାଦେଶ ଯାଇଛି। ବୋଲି କୁହାଯାଉଛି। ସୁନକ ପ୍ରଧାନମନ୍ତ୍ରୀ ହେବା ପରେ ଭାରତ ସହ ସଂପର୍କ ମଜଭୂତ ହୋଇଥିଲା । ମୁକ୍ତ ବାଣିଜ୍ୟଠୁ ଆରମ୍ଭ କରି ଅନେକ କ୍ଷେତ୍ରରେ ଭାରତ ସହ ସମ୍ପର୍କ ମଜଭୂତ ହୋଇଛି । ହେଲେ ଏବେ କ୍ଷମତା ପରିବର୍ତ୍ତନ ହେଲେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପ୍ରଭାବିତ ହେବାର ଆଶଙ୍କା ରହିଛି।

## ବିଜେପି ସାଂଗଠନିକ ...

କରାଯାଇଛି। ବରିଷ୍ଠ ବିଜେପି ନେତା ପ୍ରକାଶ ଜାଭେଡ଼େକରଙ୍କୁ କେରଳ ପ୍ରଭାରୀ ନିଯୁକ୍ତ କରାଯାଇଛି । ଅନ୍ୟପକ୍ଷରେ ବିନୋଦ ତାଡେ ବିହାର ଓ ଶ୍ରୀକାନ୍ତ ଶର୍ମା ହିମାଚଳ ପ୍ରଦେଶ ଦାୟିତ୍ୱରେ ରହିବେ। ନୀତିନ ନବୀନଙ୍କୁ ଛତିଶଗଡ଼ର ପ୍ରଭାରୀ କରାଯାଇଛି। ଡାକ୍ତର ସତୀଶ ପୁନିଆଙ୍କୁ ହରିୟାଣା ଓ ଲକ୍ଷ୍ମୀକାନ୍ତ ବାଜପେୟୀଙ୍କୁ ଝାଡ଼ଖଣ୍ଡ ଦାୟିତ୍ୱ ଦିଆଯାଇଛି। ସେହିପରି ଆଗକୁ ନିର୍ବାଚନ ଥିବା ରାଜ୍ୟ ଝାଡ଼ଖଣ୍ଡ ଓ ହରିୟାଣା ପ୍ରଭାରୀଙ୍କ ନାଁ ମଧ୍ୟ ଘୋଷଣା କରାଯାଇଛି। ଲକ୍ଷ୍ମୀକାନ୍ତ ବାଜପେୟୀଙ୍କୁ ଝାଡ଼ଖଣ୍ଡର ପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ ଡ. ସତୀଶ ପୁନିଆଙ୍କୁ ହରିୟାଣା ପ୍ରଭାରୀ ତଥା ସୁରେନ୍ଦ୍ର ସିଂ ନାଗରଙ୍କୁ ସହ ପ୍ରଭାରୀ ନିଯୁକ୍ତ କରାଯାଇଛି। ଅନୀଲ ଆଣ୍ଟୋନୀଙ୍କୁ ମେଘାଳୟ ଓ ନାଗାଲାଣ୍ଡ ପ୍ରଭାରୀ ଦାୟିତ୍ୱ ଦିଆଯାଇଥିବାବେଳେ ପଞ୍ଜାବ ପ୍ରଭାରୀ ଭାବେ ଦାୟିତ୍ୱ ପାଇଛନ୍ତି ବିଜୟ ରୂପାନୀ।

## ଆସାମ, ଅରୁଣାଚଳରେ...

ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ରବିବାର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଇତିମଧ୍ୟରେ ଚଣ୍ଡିଗଡରୁ ମନାଲି ଚାରିଟିକିଆ ରାସ୍ତାର ମଣ୍ଡି ଓ ପାଣ୍ଡୋହ ମଧ୍ୟବର୍ତ୍ତୀ ସ୍ଥାନରେ ଫାଟ ସୃଷ୍ଟି ହେବା ସହିତ ତାହା ଦବିବାକୁ ଲାଗିଛି । ଫଳରେ ଉକ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ଯାନବାହନ ଚଳାଚଳକୁ ଅନୁମତି ଦିଆଯାଇଛି । ରାଜ୍ୟରେ ଖାଲୁଆ ଅଞ୍ଚଳ ଜଳମଗ୍ନ ହେବା ସହିତ ବହୁ ସଂଖ୍ୟକ କଚ୍ଚା ଘର ଭାଙ୍ଗିଛି ଏବଂ ଫସଲ ନଷ୍ଟ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ଅନୁରୂପ ଭାବରେ ଆସାମ, ଅରୁଣାଚଳ ପ୍ରଦେଶ ସମେତ ଉତ୍ତର ପୂର୍ବାଞ୍ଚଳରେ ବର୍ଷା ଓ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଛି । ଚଳିତ ବର୍ଷା ଓ ତଦ୍‌ଜନିତ ବନ୍ୟାରେ ଆସାମରେ ପ୍ରାୟ ୧୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଆସାମ ଓ ଅରୁଣାଚଳ ପ୍ରଦେଶରେ ବନ୍ୟା ପରିସ୍ଥିତି ଅଧିକ ଖରାପ ଆଡକୁ ଗତି କରୁଥିବାବେଳେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସମସ୍ତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ପାଇଁ ରେଡ ଆଲର୍ଟ ଜାରି କରାଯାଇଛି । ଉଭୟ ରାଜ୍ୟରେ ବ୍ରହ୍ମପୁତ୍ର ନଦୀର ଜଳସ୍ତର ଲଗାତର ବୃଦ୍ଧି ପାଇବାରେ ଲାଗିଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂତ୍ର ଅନୁଯାୟୀ ରାଜ୍ୟରେ ବନ୍ୟା ପ୍ରପୀଡିତ ଜିଲ୍ଲା ସଂଖ୍ୟା ୧୯କୁ ବୃଦ୍ଧିପାଇଛି ଅନେକ ସ୍ଥାନରେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦିଆଯାଇ ବନ୍ୟା ପ୍ରଭାବିତଙ୍କ ନିମନ୍ତେ ସାମୟିକ ଆଶ୍ରୟସ୍ଥଳ ଭାବରେ ବ୍ୟବହାର କରାଯାଉଛି ।

## ବିଦ୍ୟାଳୟରେ ଉପସ୍ଥାନ ...

ଦୁରତାର ବିଦ୍ୟାଳୟ ଯାଉଥିଲେ ସରକାର ବହନ କରିବେ ଯାତାୟତ ଖର୍ଚ୍ଚ। ଏହି ବାବଦକୁ ବର୍ଷକୁ ଜଣେ ଛାତ୍ର ୬ହଜାର ଟଙ୍କା ପାଇବେ। ବିଦ୍ୟାଳୟରେ ୭୫ ପ୍ରତିଶତରୁ ଅଧିକ ଉପସ୍ଥାନ ହେଲେ ଏହି ଅର୍ଥରାଶି ପାଇବାକୁ ଛାତ୍ରଛାତ୍ରୀ ଯୋଗ୍ୟ ହେବେ ବୋଲି କହିଛନ୍ତି ଓସେପା ଅଧିକାରୀ।

## ରଥଯାତ୍ରାରେ ଭିଜିବ...

ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଜି ଯାଏଁ ୧୯୧.୧ ମିଲିମିଟର ବର୍ଷା ରେକର୍ଡ ହୋଇଛି। ୨୫ ପ୍ରତିଶତ ନିଅଣ୍ଟିଆ ବର୍ଷାର ସ୍ଥିତି ରହିଛି। ଦିନକ ପରେ ଆୟୋଜିତ ହେବାକୁ ଥିବା ରଥଯାତ୍ରା ଏଥର ଭିଜିବ। ରଥଯାତ୍ରା ସମୟରେ ପୁରୀରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ। ପୁରୀ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୯୦ପ୍ରତିଶତରୁ ଅଧିକ ଗୁଳୁଗୁଳି ହୋଇପାରେ। ୮ ତାରିଖ ମଧ୍ୟରେ ପୁରୀରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ସୂଚନାଯୋଗ୍ୟ ଗତ ୭ ଦିନ ହେଲା ରାଜ୍ୟରେ ବର୍ଷା ଲାଗି ରହିଛି । କିଛି ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ମଧ୍ୟ ହୋଇଛି।

## ସରୋଗେସି ଦ୍ୱାରା ମା'...

ମାଧ୍ୟମରେ ଶିଶୁର ଜନନୀ ହେବା କ୍ଷେତ୍ରରେ ମା'ଙ୍କୁ ସମାନ ସୁବିଧା ପ୍ରଦାନ ପାଇଁ ଏ ସଂପର୍କିତ ନିୟମାବଳୀରେ ଏହି ଦୃଷ୍ଟିକୋଣ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସରୋଗେସି ମାଧ୍ୟମରେ ମାତୃତ୍ୱ ଲାଭ କରିଥିବା ମହିଳା କର୍ମଚାରୀଙ୍କୁ ପ୍ରସବକାଳୀନ ଛୁଟି ପ୍ରଦାନରେ ପ୍ରତିବନ୍ଧକ ସାଜିଥିବା ଅର୍ଥ ବିଭାଗର ୨୦୧୯, ନଭେମ୍ବର ୧୫ର ଚିଠି ଓ ସାଧାରଣ ପ୍ରଶାସନ ବିଭାଗର ୨୦୨୦, ଜୁଲାଇ ୬ର ଚିଠିକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ଅର୍ଥ ସେବା ଅଧିକାରୀ ଭାବେ ଚାକିରିରେ ଯୋଗ ଦେଇଥିଲେ। ବିବାହର କିଛି ବର୍ଷ ପରେ ମଧ୍ୟ ସେ ମା' ହୋଇ ପାରି ନଥିଲେ। ସରୋଗେସି ମାଧ୍ୟମରେ ସେ ଜନନୀ ହେବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥି ପାଇଁ ଆବେଦନକାରୀ ଓ ତାଙ୍କ ସ୍ୱାମୀ ଜଣେ ମହିଳାଙ୍କ ସହିତ ସରୋଗେସି ଚୁକ୍ତି ସ୍ୱାକ୍ଷର କରିଥିଲେ। ସରୋଗେସି ମା ୨୦୧୮, ଅକ୍ଟୋବରରେ ସନ୍ତାନକୁ ଜନ୍ମ ଦେଇଥିଲେ। ଏହାପରେ ଆବେଦନକାରୀ ପ୍ରସବକାଳୀନ ଛୁଟି ପାଇଁ କରିଥିବା ଦରଖାସ୍ତକୁ ମଞ୍ଜୁର କରାଯାଇଥିଲା। କିନ୍ତୁ ଏହି ପ୍ରସଙ୍ଗରେ ସ୍ଥିତି ସ୍ପଷ୍ଟ ନଥିବାରୁ ଅନୁଧ୍ୟାନ ପାଇଁ ଅର୍ଥ ବିଭାଗ କହିଥିଲା। ଏହାପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ନିଟ୍ ପରୀକ୍ଷା ବାତିଲ ନ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

**ନୂଆଦିଲ୍ଲୀ**

ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗୁଜରାଟର ୫୬ ଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏମାନେ ପରୀକ୍ଷା ବାତିଲ ଉପରେ କଟକଣା ଦାବି କରି ଆବେଦନ ଦାଏର କରିଛନ୍ତି। ଏହି ଛାତ୍ରଙ୍କ ମଧ୍ୟରେ ୧ ନଂ ର୍‍ୟାଙ୍କ ପାଇଥିବା ଟପ୍ପର ମଧ୍ୟ ସାମିଲ ଅଛନ୍ତି। ପରୀକ୍ଷା ବାତିଲ ନ କରିବା ପାଇଁ ନ୍ୟାସନାଲ ଟେଷ୍ଟି ଏଜେନ୍ସିକୁ ନିର୍ଦ୍ଦେଶ ଦେବା ନିମନ୍ତେ ଛାତ୍ର ଦାବି କରିଛନ୍ତି। ଏହା ଦ୍ୱାରା ପ୍ରାୟ ୨୪ ଲକ୍ଷ ଛାତ୍ରଛାତ୍ରୀଙ୍କ କ୍ଷତି ହେବ। ପୁଣିଥରେ ପରୀକ୍ଷା ପାଇଁ ଅନୁମତି ଦେବା ସଚ୍ଚୋଟ ଛାତ୍ରଛାତ୍ରୀଙ୍କ ଲାଗି ଭୁଲ୍ ସାବ୍ୟସ୍ତ ହେବ । ଏହା ଧାରା ୧୪ ଏବଂ ୨୧ଏରେ ତାଙ୍କ ମିଳିଥିବା ମୌଳିକ ଅଧିକାରର ଉଲ୍ଲଙ୍ଘନ କରୁଛି। ତେଣୁ ବର୍ତ୍ତମାନର ଫଳାଫଳ ଆଧାରରେ ମେଡିକାଲରେ ନାମଲେଖା ପ୍ରକ୍ରିୟା ଜାରି ରଖିବାକୁ କହିଛନ୍ତି। ଏହା ସହିତ ମାମଲାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ କୋର୍ଟ ଶିକ୍ଷା ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦାବି କରାଯାଇଛି।

# ବାଚସ୍ପତିଙ୍କ ନିର୍ଦ୍ଦେଶ : ଶପଥ ବେଳେ ସ୍ଲୋଗାନ ଦେଇପାରିବେନି ସାଂସଦ

**ନୂଆଦିଲ୍ଲୀ**

ସଂସଦରେ ନିର୍ବାଚିତ ସାଂସଦମାନେ ଶପଥ ଗ୍ରହଣ କରିବା ନେଇ ଯେଉଁ ନିୟମାବଳୀ ରହିଛି ସେଥିରେ ବାଚସ୍ପତି ଓମ୍ ବିର୍ଲା ପରିବର୍ତ୍ତନ ଆଣିବା ସହିତ କଡ଼ା ନିୟମ ଲାଗୁ କରିଛନ୍ତି। କିଛି ସାଂସଦ ଲୋକସଭା ସଦସ୍ୟ ଭାବରେ ଶପଥ ନେବା ସମୟରେ ଦେଇଥିବା ସ୍ଲୋଗାନକୁ ନେଇ ବାଚସ୍ପତି ଏଭଳି ନିଷ୍ପତ୍ତି ନେଇଛନ୍ତି। ବାଚସ୍ପତି ଓମ ବିର୍ଲା ପ୍ରଚଳିତ ନିୟମଧାରାରେ ଏକ ନୂତନ ଧାରା ଯୋଡିବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ଜଣେ ନିର୍ବାଚିତ ସାଂସଦ ଶପଥ ନେବା ସମୟରେ କୌଣସି ଅସଂସଦୀୟ ଶବ୍ଦ କିମ୍ବା ଅଭିବ୍ୟକ୍ତିକୁ ଉପସର୍ଗ କିମ୍ବା ପ୍ରତ୍ୟୟ ଭାବରେ ଗୃହ ମଧ୍ୟରେ ବ୍ୟବହାର କରିପାରିବେ ନାହିଁ ବୋଲି ଏଥିରେ ଉଲ୍ଲେଖ ରହିଛି। ଗୃହ ପରିଚାଳନା ଏବଂ କାର୍ଯ୍ୟକାରିତା ସମ୍ପର୍କିତ କେତେକ ବିଷୟକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧନ କରାଯାଇଛି। ପ୍ରଚଳିତ ନିୟମର ଧାରା (୨) ପରେ ଏକ ନୂତନ ଧାରା (୩) ଅନ୍ତର୍ଭୁକ୍ତ କରାଯାଇଛି । ଏହା ଧାରା ଅନୁଯାୟୀ ଗୃହର ସଦସ୍ୟମାନେ ଶପଥ ନେବା ସମୟରେ କୌଣସି ଅସଂସଦୀୟ ଶବ୍ଦ କିମ୍ବା ସ୍ଲୋଗାନ ବ୍ୟବହାର କରିପାରିବେ ନାହିଁ। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ନବ ନିର୍ବାଚିତ ସାଂସଦମାନେ ଲୋକସଭାରେ ଶପଥ ନେବା ସମୟରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କେହି କେହି 'ଜୟ ସମ୍ବିଧାନ' ଏବଂ 'ଜୟ ହିନ୍ଦୁ ରାଷ୍ଟ୍ର' କହିଥିଲା ବେଳେ ଏଆଇଏମ୍ଆଇଏମ୍ ସାଂସଦ ଆସାଦୁଦ୍ଦିନ ଓୱେସୀ 'ଜୟ ପାଲେଷ୍ଟାଇନ'ର ସ୍ଲୋଗାନ ମଧ୍ୟ ଦେଇଥିଲେ ।

# ଆଚାର୍ଯ୍ୟ ବିହାରରୁ ଏଏସ୍‌ଓଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆଚାର୍ଯ୍ୟ ବିହାର ଅଞ୍ଚଳରେ ଥିବା ଏକ ଘରୁ ଜଣେ ଏଏସ୍‌ଓଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ସହିଦନଗର ଥାନା ପୁଲିସ। ମୃତକ ହେଉଛନ୍ତି ମୟୂରଭଞ୍ଜର ମୋରା ମାରାଣ୍ଡି ୨୬। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁସାରେ, ଲୋକସେବା ଭବନରେ ଇସ୍ପାତ ଓ ଖଣି ବିଭାଗରେ ଏଏସ୍‌ଓ ଭାବେ କାର୍ଯ୍ୟରତ ମୋରା ମାରାଣ୍ଡି ଆଚାର୍ଯ୍ୟ ବିହାର ପାଣି ଟାଙ୍କି ଗଳିରେ ମେସରେ ରହୁଥିଲେ । ଗୁରୁବାର ସକାଳେ ମୋରାଙ୍କ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ପରିବାର ଲୋକେ ଏନେଇ ମୋରାଙ୍କ ସହକର୍ମୀଙ୍କୁ ଜଣାଇଥିଲେ। ତାଙ୍କ ସହକର୍ମୀ ଯାଇ ମେସରେ ପହଞ୍ଚିବା ପରେ ମୋରାଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିଥିଲେ । ଖବରପାଇ ସହିଦନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲା। ମୋରା କାହିଁକି ଆତ୍ମହତ୍ୟା କରିଲେ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କ ଆତ୍ମହତ୍ୟାକୁ ନେଇ ବିଭିନ୍ନ ସନ୍ଦେହ ଉପୁଜୁଛି। ଉପରିସ୍ଥ ଅଧିକାରୀଙ୍କ କାମ ଚାପ ଯୋଗୁଁ ମୋରା ଆତ୍ମହତ୍ୟା କରିଛନ୍ତି ବୋଲି ସହକର୍ମୀ ଓ ପରିବାର ଲୋକେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ତେବେ ମୋରାଙ୍କ ମୃତଦେହ କ୍ୟାପିଟାଲ୍ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

ଭୁବନେଶ୍ୱର
୬ ଜୁଲାଇ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ସରିଲା ରଥନିର୍ମାଣ : ସୌନ୍ଦର୍ଯ୍ୟକରଣରେ ଶେଷ ସ୍ୱର୍ଶ ଦେଉଛନ୍ତି କାରିଗର

**ପୁରୀ,୦୫।୦୭:ନ୍ୟୁଜ୍‌ବ୍ୟୁରୋ**

ପୁରୀ: ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଆସନ୍ତା ମାସ ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ରଥ ନିର୍ମାଣ କାର୍ଯ୍ୟ ଶେଷ ହେଇଥିବା ବେଳେ ରଥର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଶେଷ ସ୍ୱର୍ଶ ଦିଆଯାଉଛି। ଗୁରୁବାର ତିନି ରଥରେ କଳସ, ଓଲଟ ଶୁଆ ଏବଂ ଅଁଳା ସ୍ଥାପନ ସହ ପ୍ରଭାରେ ରୂପ ଖୋଦେଇ ଶେଷ ହୋଇଥିଲା। ଏଥିସହ ଚିତ୍ରକାର ସେବକଙ୍କ ଦ୍ୱାରା ପ୍ରଭାରେ ରଙ୍ଗ କାର୍ଯ୍ୟ ଆରମ୍ଭ ସହ ତିନି ରଥର ଦୁଆର ବେଢ଼ାରେ କନା ପକାକାର୍ଯ୍ୟ ଆରମ୍ଭ ହୋଇଛି। ତିନି ରଥର ମହାରଣା ସେବକ ଏବଂ ଭୋଇ ସେବକମାନେ ମିଶି ତିନି ରଥର ସମ୍ମୁଖ ଭାଗକୁ ଛାଡି ପ୍ରତି ପାର୍ଶ୍ୱରେ ତିନୋଟି ଲେଖାଏଁ ୯ ଗୋଟି ପାର୍ଶ୍ୱ ଦେବାଦେବୀଙ୍କୁ ଜଳଯନ୍ତ୍ର ଖାପରେ ସ୍ଥାପନ କରି ଶିଖର ଡମ୍ବରୁ ସଂଯୋଗ କରିଛନ୍ତି। ଚିତ୍ରକାର ସେବକମାନେ ତିନି ରଥ ପ୍ରଭା ଗୁଡ଼ିକର ରୂପ ଖୋଦେଇ ଅଂଶରେ ରଙ୍ଗ ଚିତ୍ର କାର୍ଯ୍ୟ ଶେଷ କରିଛନ୍ତି। ନନ୍ଦିଘୋଷ ରଥ ବେଦୀ ସିଂହାସନ ଚାରି ପଟେ ଗାଈ ଗୋଠ ଚିତ୍ର ଅଙ୍କନ ଶେଷ ହେବାସହ ତାଳଧ୍ୱଜ ରଥ ଏବଂ ଦର୍ପ ଦଳନ ରଥର ବେଦୀ ସିଂହାସନ ଚାରିପାଖରେ ଗାଈ ଗୋଠ ଚିତ୍ର ଅଙ୍କନ ଶେଷ ହୋଇଛି । ସେହିପରି ଚିତ୍ରକାର ସେବକମାନେ ତିନି ରଥର ଘୋଡ଼ା, ସାରଥି, ସକ୍ଷୀ ଇତ୍ୟାଦିର ରଙ୍ଗ କାର୍ଯ୍ୟ ସମେତ ତିନି ରଥର ବାହ୍ୟ ଅଂଶର ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ଦୁଇଟି ଲେଖାଏଁ ବ୍ରେକ୍ ପୁଲି ଲାଗିବା ସହ ବ୍ରେକ୍ ଗୁଡିକର ତଳ ପାର୍ଶ୍ୱ ଆବଶ୍ୟକୀୟ ମରାମତି ସହ ଲାଗିଥିବା ରବର ମ୍ୟାଟ ବଦଳାଯାଇ ନୂଆ ରବର୍ ମ୍ୟାଟ ପଡ଼ି କଷ୍ଟା ପଡ଼ିବା ଶେଷ ହୋଇଛି। ସେପଟେ ଦରଜୀ ସେବକମାନେ ରଥ କନା କାର୍ଯ୍ୟ ଶେଷ କରି, ରଥ ଉପରେ କନା ପଡ଼ିବା ପାଇଁ କନା ଯୋଡ଼ଣି କାର୍ଯ୍ୟ ଶେଷ କରି, ଉଡ଼ା ଚାନ୍ଦୁଆ, ସାରଥି ପୋଷାକ, ବିଜେ ଚକାପାଇଁ ବାନାରସି ଜରି କନା ଖୋଳ ଏବଂ ଠାକୁରଙ୍କ ପିଠି ଏବଂ ମସ୍ତକ ପଶ୍ଚାତ ଭାଗ ପାଇଁ ଅପସର ତକିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ପ୍ରଭା ବିଡିଆ କଣ୍ଟା, ବ୍ରେକ କଣ୍ଟା ସହ ଭୋଇ ସେବକ ଏବଂ କୋଠ ସୁଆଁସିଆ ସେବକମାନଙ୍କ ପାଇଁ ଆବଶ୍ୟକୀୟ କଟୁରୀ ନିର୍ମାଣ ଶେଷ କରିଛନ୍ତି।





ଭୁବନେଶ୍ୱର : ୭୫ତମ ରାଜ୍ୟସ୍ତରୀୟ ବନମହୋତ୍ସବ ଅବସରରେ ଡୁମଡୁମା ହାଇସ୍କୁଲ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବୃକ୍ଷ ରୋପଣ କରୁଛନ୍ତି। ପାଖରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂହ ଖୁଣ୍ଟିଆ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି। (ଫଟୋ : ସମ୍ବାଦ କଳିକା)

# କେଇର ଷ୍ଟାର୍ମର ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ



**ବକିଂଗହାମ୍,୦୫।୦୭**

ଲେବର ପାର୍ଟିର କେଇର ଷ୍ଟାର୍ମରଙ୍କୁ ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ ରୂପେ ରାଜା ଚାର୍ଲସ ନିଯୁକ୍ତି ଦେଇଛନ୍ତି। ଏନେଇ ବକିଂଗହାମ ରାଜପ୍ରାସାଦରେ ଶୁକ୍ରବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେଇର ଷ୍ଟାର୍ମରଙ୍କୁ ନୂତନ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ବ୍ରିଟେନରେ ଅନୁଷ୍ଠିତ ନିର୍ବାଚନରେ କେଇର ଷ୍ଟାର୍ମରଙ୍କ ଦଳ 'ଲେବର ପାର୍ଟି' ବିଜୟ ହାସଲ କରିଥିଲା। ଫଳରେ ବ୍ରିଟେନରେ ୧୪ ବର୍ଷର କଞ୍ଜରଭେଟିଭ୍ ଶାସନର ଅବସାନ ଘଟିଛି। ନିର୍ବାଚନରେ ପରାଜୟ ପରେ କଞ୍ଜରଭେଟିଭ୍ ନେତା ରିଷି ସୁନକଙ୍କ ଇସ୍ତଫାପତ୍ର ରାଜା ଚାର୍ଲସ ଗ୍ରହଣ କରିନେଇଥିଲେ। ବିଜୟ ଉଦ୍‌ବୋଧନରେ ଷ୍ଟାର୍ମର କହିଛନ୍ତି ଯେ, ଏବେ ବ୍ରିଟେନରେ ପରିବର୍ତ୍ତନର ଆରମ୍ଭ ହେଲା।

# ମହାପ୍ରଭୁଙ୍କ ଗୁଣ୍ଡିଚା ବିଜେ ବେଳେ ରତ୍ନଭଣ୍ଡାର ଖୋଲିବା ଉପଯୁକ୍ତ ସମୟ

**ଭୁବନେଶ୍ୱର,୫।୭: ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବିଗତ କିଛି ବର୍ଷ ହେବ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ଚାରିଦ୍ୱାର ଏବଂ ରତ୍ନଭଣ୍ଡାର ପ୍ରସଙ୍ଗ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଭାବେ ରହିଆସିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହେଉ ଅବା ରତ୍ନଭଣ୍ଡାର ଚାବି ହଜିବା ଘଟଣା, ଏହାକୁ ନେଇ ବିଗତ ଦିନରେ ରାଜ୍ୟ ରାଜନୀତିରେ ଖୁବ୍ ବାକବିତଣ୍ଡା ହୋଇଛି। ଏହାବ୍ୟତୀତ ଶ୍ରୀମନ୍ଦିରରେ ବିଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏସବୁ ଭିତରେ ଆଗକୁ ରଥଯାତ୍ରା ଥିବାବେଳେ ବର୍ତ୍ତମାନ ଯେଉଁ ଗୋଟିଏ ସବୁଠୁ ବଡ ପ୍ରସଙ୍ଗ ରହିଛି, ତାହା ହେଲା ରତ୍ନଭଣ୍ଡାର। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କେବେ ଖୋଲିବ ରତ୍ନଭଣ୍ଡାର? ଯଦିଓ ରାଜ୍ୟରେ ନୂଆ ବିଜେପି ସରକାର ରତ୍ନଭଣ୍ଡାର ଖୋଲିବାକୁ ଘୋଷଣା କରିଛନ୍ତି, କିନ୍ତୁ କେବେ ଖୋଲାଯିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନି। ରଥଯାତ୍ରା ଉପଲକ୍ଷେ ଏହି ତମାମ୍ ବିଷୟକୁ ନେଇ ଏକ ସାକ୍ଷାତକାର ବେଳେ ଆଲୋଚନା କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ରତ୍ନଭଣ୍ଡାର ଖୋଲାଯିବାକୁ ନେଇ ଗଜପତି ମହାରାଜା କହିଛନ୍ତି ଯେ, ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେଣୁ ରତ୍ନଭଣ୍ଡାର ନିହାତି ଖୋଲିବ। ଏଥିରେ କୌଣସି ଦ୍ୱନ୍ଦ୍ୱ ରହିବା କଥା ନୁହେଁ। ତେବେ କେବେ ଖୋଲାଯିବ ସେନେଇ ସରକାର ନିଷ୍ପତ୍ତି ନେବେ। ଶ୍ରୀମନ୍ଦିର ପରିଚାଳନା କମିଟି ପୂର୍ବରୁ ରତ୍ନଭଣ୍ଡାର ଖୋଲିବା ପାଇଁ ବାରମ୍ବାର ଦାବି କରିଆସିଛି। ଏନେଇ ପରିଚାଳନା କମିଟିର ପ୍ରସ୍ତାବକ୍ରମେ ପୂର୍ବ ସରକାରଙ୍କ ଦ୍ୱାରା ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ ହୋଇଥିଲା। ଜୁଲାଇ ୭ରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବାକୁ ପରିଚାଳନା କମିଟି ପ୍ରସ୍ତାବ ଦେଇଛି। କାରଣ ସେହି ସମୟରେ ମହାପ୍ରଭୁ ଶ୍ରୀମନ୍ଦିରରେ ନଥିବେ। ଏହାଦ୍ୱାରା ରତ୍ନଗଣତି ସହ ଏଏସଆଇକୁ ମରାମତି କରିବାକୁ ମଧ୍ୟ ସମୟ ମିଳିବ। ତେଣୁ ମହାପ୍ରଭୁଙ୍କ ଗୁଣ୍ଡିଚା ବିଜେ ବେଳେ ରତ୍ନଭଣ୍ଡାର ଖୋଲିବା ଉପଯୁକ୍ତ ସମୟ। ରାଜ୍ୟ ସରକାର ମଧ୍ୟ ସେହିଭଳି ନିଷ୍ପତ୍ତି



ନେଇଛନ୍ତି। ଏବେ କେବଳ ସରକାର କେଉଁ ଦିନ ନିର୍ଦ୍ଧାରିତ କରୁଛନ୍ତି ତାହାକୁ ଅପେକ୍ଷା। ନିର୍ବାଚନ ସମୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ବିଜେପି ଏହାକୁ ନିର୍ବାଚନୀ ପ୍ରସଙ୍ଗ କରି ତତ୍କାଳୀନ ବିଜେଡି ସରକାରକୁ ଘନ ଘନ ଟାର୍ଗେଟ କରିଥିଲା। ଏହି ଚାବି ହଜିବା ପ୍ରସଙ୍ଗରେ ଗଜପତି ମହାରାଜା କହିଛନ୍ତି, ଚାବି ଅଛି। ଆଇନ ଅନୁସାରେ ଚାବି ଜିଲ୍ଲାପାଳଙ୍କ ଟ୍ରେଜରୀରେ ରହିବା କଥା। ସରକାର ନିର୍ଦ୍ଦେଶ ପରେ ଜିଲ୍ଲାପାଳ ଆଣି ଖୋଲିପାରିବେ। ସରକାରଙ୍କ ନିଷ୍ପତ୍ତି ନେବା ପରେ ନିଶ୍ଚୟ ରତ୍ନଭଣ୍ଡାର ଖୋଲିବାର ବ୍ୟବସ୍ଥା କରାଯିବ। ତେବେ ୨୦୧୮ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଭିତର ରତ୍ନଭଣ୍ଡାର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେକୁ ଯେଉଁ ଚାବି ଆସିଥିଲା, ସେଥିରେ ଭିତର ରତ୍ନଭଣ୍ଡାର ତାଲା ଖୋଲିନଥିଲା। ଏନେଇ ସେତେବେଳେ ସରକାରଙ୍କ ନିର୍ଦ୍ଦେଶରେ ଜଷ୍ଟିସ ରଘୁବର ଦାସ କମିଶନ ତଦନ୍ତ କରିଥିଲେ। ହେଲେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇନଥିଲା।

ସେହିପରି ଶ୍ରୀମନ୍ଦିର ଚାରିଦ୍ୱାର ଏବଂ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ଦିବ୍ୟସିଂହ ଦେବ କହିଛନ୍ତି ଯେ, ଚାରିଦ୍ୱାର ଖୋଲାଯିବା କିଛି ବଡ କଥା ନୁହେଁ। କେବଳ ଦ୍ୱାର ଖୋଲିଦେଲେ ଯେ, ଭକ୍ତମାନଙ୍କ ସୁବିଧା ଦର୍ଶନ ହେବ, ତାହା ଭାବିବା ଭୁଲ୍। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ନାଟମଣ୍ଡପ ଓ ଜଗମୋହନ ଭିତରେ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ। ସେଭଳି ଉତ୍ତମ ବ୍ୟବସ୍ଥା ଅଦ୍ୟାବଧି ହୋଇପାରିନାହିଁ। ଦୈନିକ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ହେଉଥିବାବେଳେ ଦର୍ଶନରେ ସମସ୍ୟା ହେଉଛି। ଭକ୍ତଙ୍କ ସୁବିଧା ପାଇଁ ନୂତନ ବ୍ୟବସ୍ଥା କରିବାକୁ ପଡିବ।


# ଲାଞ୍ଚନେଇ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ

**ଖୋର୍ଦ୍ଧା,୫।୭: ନ୍ୟୁଜ୍‌ବ୍ୟୁରୋ**

ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ସିକୋ ରାଜସ୍ୱ ନିରୀକ୍ଷକ ବିଶ୍ୱେଶ୍ୱର ରାୟ ବେହେରା। ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲ ଅନ୍ତର୍ଗତ ସିକୋର ରାଜସ୍ୱ ନିରୀକ୍ଷକ ବିଶ୍ୱେଶ୍ୱର ରାୟ ବେହେରା ଜଣେ ଅଭିଯୋଗକାରୀଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସେଠାରେ ଛକିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ିବସିଥିଲା। ଶ୍ରୀ ରାୟ ବେହେରାଙ୍କଠାରୁ ୨୦ ହଜାର ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କ ଘର ସମେତ ୨ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ ଚାଲିଛି। ଉଲ୍ଲେଯୋଗ୍ୟ, ରାଜସ୍ୱ ନିରୀକ୍ଷକ ବିଶ୍ୱେଶ୍ୱର ରାୟ ବେହେରା ଜଣେ ଲୋକଙ୍କୁ ମିଥ୍ୟା ଧମକ ଦେଇ ୨୦ ହଜାର ଟଙ୍କା ମାଗିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।


## ଏବେ ବଜାରରେ ମିଳୁଛି...

## 'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା





### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା
**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର -ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା-ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ପରଲୋକ

**ଭୁବନେଶ୍ୱର,୦୫।୦୭: ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ମନ୍ତ୍ରୀ ତଥା କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ ନାୟକଙ୍କ ପରଲୋକ ହୋଇଛି। ୯୩ ବର୍ଷ ବୟସରେ ସୁରେନ୍ଦ୍ରଙ୍କର ବାର୍ଦ୍ଧକ୍ୟଜନିତ ଦେହାନ୍ତ ହୋଇଛି। ଶୁକ୍ରବାର ସକାଳୁ ସୁରେନ୍ଦ୍ରଙ୍କ ପରଲୋକ ହୋଇଥିବା ନେଇ ପୁଅ ସ୍ୱାଧୀନ କୁମାର ନାୟକ ସୂଚନା ଦେଇଛନ୍ତି। ଦୀର୍ଘ ଦିନ ହେଲା ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସୁରେନ୍ଦ୍ରଙ୍କୁ ଭର୍ତ୍ତି କରାଯାଇଥିଲା।

କାକଟପୁର ତଥା ଓଡ଼ିଶାର ଲୋକପ୍ରିୟ ନେତା ଥିଲେ ସୁରେନ୍ଦ୍ର। ସୁରେନ୍ଦ୍ର କାକଟପୁରରୁ ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୭୧ରେ ସେ ପ୍ରଥମେ ଉତ୍କଳ କଂଗ୍ରେସ ଦଳ ଟିକେଟରେ ବିଧାନସଭା ଆସିଥିଲେ। ଏହାପରେ ୧୯୭୭, ୧୯୮୫, ୧୯୯୦, ୧୯୯୫ରେ ଜନତା ଦଳ ଟିକେଟରେ ସେ ନିର୍ବାଚିତ ହୋଇଥିଲେ। ୨୦୦୦ ଓ ୨୦୦୪ରେ ସେ ବିଜେଡି



ଟିକେଟରେ ବିଧାନସଭା ଆସିଥିଲେ।

ସରପଞ୍ଚରୁ ମନ୍ତ୍ରୀ ପର୍ଯ୍ୟନ୍ତ ରାଜନୀତି ଜୀବନ ତାଙ୍କର ବେଶ୍ ଲମ୍ବା ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକାନ୍ତ ସହଯୋଗୀ ଥିଲେ ସୁରେନ୍ଦ୍ର। ସେ ବିଜୁ ଓ ନବୀନ ସରକାରରେ ମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଶିକ୍ଷା, କୃଷି, ପଞ୍ଚାୟତିରାଜ, ଅବକାରୀ ଓ ରାଜସ୍ୱ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେ ମନ୍ତ୍ରୀ ହୋଇଥିଲେ। ସ୍ୱଳ୍ପ କାଳ ପାଇଁ ସେ ବାଚସ୍ପତି ମଧ୍ୟ ହୋଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ନାୟକ ଜଣେ ଲୋକପ୍ରିୟ ନେତା ଓ ଦକ୍ଷ ପ୍ରଶାସକ ଥିଲେ। ସାଧାରଣ ଲୋକଙ୍କ ଭିତରେ ସେ ଅତ୍ୟନ୍ତ ପ୍ରିୟପାତ୍ର ଥିଲେ। ବିଧାୟକ ତଥା ମନ୍ତ୍ରୀ ଭାବରେ ସେ ଓଡ଼ିଶାର ବିଭିନ୍ନ କ୍ଷେତ୍ରର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ତାଙ୍କର ପରଲୋକ ରାଜ୍ୟ ପାଇଁ ଏକ ବଡ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରଲୋକ ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପାଇଁ ସମବେଦନା ପ୍ରକାଶ କରିଛନ୍ତି।

## ବିରୋଧୀ ଦଳ ନେତାଙ୍କ ଶୋକ

ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ଜନନେତା ସୁରେନ୍ଦ୍ର ନାଥ ନାୟକଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତ ନାୟକ ବିଜୁ ବାବୁଙ୍କର ଘନିଷ୍ଠ ସହଯୋଗୀ ଥିଲେ। ଲୋକପ୍ରିୟ ଜନ ନେତା, ଦକ୍ଷ ପ୍ରଶାସକ ଓ ସଂଗଠକ ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ସାଧୁତା ପାଇଁ ସେ ସ୍ମରଣୀୟ ହୋଇ ରହିବେ। ଜଣେ ମନ୍ତ୍ରୀ ଓ ବିଧାୟକଭାବେ ତାଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଓଡ଼ିଶା ରାଜନୀତିରେ ସୁରେନ୍ଦ୍ର ବାବୁ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ତାଙ୍କର ପରଲୋକ ରାଜ୍ୟ ପାଇଁ ଓ ବିଜୁ ଜନତା ଦଳ ପାଇଁ ଏକ ବଡ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଶ୍ରୀ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି ।

# କଂଗ୍ରେସ ପକ୍ଷରୁ କମିଶନରେଟ ପୋଲିସ୍ ଅଫିସ୍ ଘେରାଉ

**ଭୁବନେଶ୍ୱର,୦୫।୦୭:ନ୍ୟୁଜ୍‌ବ୍ୟୁରୋ**

ଗତ ୨ ତାରିଖରେ ବିଜେପି ଯୁବ ମୋର୍ଚ୍ଚାର କର୍ମୀମାନେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀତ ରାହୁଲ ଗାନ୍ଧୀଙ୍କର ପୋଷ୍ଟରକୁ ଗୋବର ଫିଙ୍ଗି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଯେଉଁଭଳି ଭାବରେ କାର୍ଯ୍ୟ କଲେ ତା'ର ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ, ପ୍ରଦେଶ ଯୁବ କଂଗ୍ରେସ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଧାରଣା ଦିଆଯାଇଛି। ବିଶାଳ ରାଲିରେ ଏଡିଏମଙ୍କ କାର୍ଯ୍ୟାଳୟ ଠାରୁ କଂଗ୍ରେସ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସର କର୍ମୀମାନେ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ ଧର୍ମନାମରେ ଭାରତୀୟ ଜନତାପାର୍ଟି ନିରୀହ ଜନତାଙ୍କୁ ଭୁଆଁ ବୁଲାଉଛନ୍ତି। ଲୋକସଭାରେ ଜନନାୟକ ରାହୁଲ ଗାନ୍ଧୀ ହିନ୍ଦୁ ଧର୍ମ ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଲେ ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତୀୟ ଜନତାପାର୍ଟି କଦର୍ଥ କରୁଛି। ରାହୁଲ ଗାନ୍ଧୀଙ୍କର ହିନ୍ଦୁ ଧର୍ମ ପ୍ରତି ଅସୀମ ସମ୍ମାନ, ଭକ୍ତି ଓ ଶ୍ରଦ୍ଧା ରହିଛି। ସେ ନିଜେ ଜଣେ ଶିବ ଭକ୍ତ। ମାତ୍ର ବିଜେପିର କଥାକଥିତ ନେତାମାନେ ଯେଉଁମାନେ ହିନ୍ଦୁ ଧର୍ମର ଠିକାଦାର ବୋଲି ନିଜକୁ ଦାବି କରୁଛନ୍ତି ସେମାନେ ହିନ୍ଦୁ ଧର୍ମର ଅମାପ କ୍ଷତି କରୁଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଥିଲେ ଯେ ଭାରତୀୟ ଜନତାପାର୍ଟି ରାହୁଲ ଗାନ୍ଧୀଙ୍କର ଉତୁଙ୍ଗ ନେତୃତ୍ୱ, ଦେଶଭକ୍ତି, ଦୁର୍ନୀତି ବିରୋଧୀ ସଂଗ୍ରାମ ଏବଂ ଦେଶର ଅଖଣ୍ଡତା ରକ୍ଷାପାଇଁ ଯେଉଁ ଆବେଗ ତାହାକୁ ବିଜେପି ସହ୍ୟ କରୁପାରୁ ନାହିଁ। ବିଜେପି ଓଡ଼ିଶାରେ କ୍ଷମତାକୁ ଆସିବାର ମାସେ ହୋଇନାହିଁ, ହେଲେ ନିଜ ଦଳର ଅସଲ ଚରିତ୍ରର ପରିଚୟ ଦେଉଛନ୍ତି। ବିଜେପି ଦଳ ସମାଜରେ ଶାନ୍ତି ଚାହେଁ ନାହିଁ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଲେ ଯେ ବିଜେପି ଏକ ସ୍ୱତନ୍ତ୍ର ହିନ୍ଦୁ ଧର୍ମ ସୃଷ୍ଟି କରିବାପାଇଁ ଚେଷ୍ଟା କରୁଛି, ଯେଉଁଥିରେ ସନାତନ ଧର୍ମର ମୂଳମନ୍ତ୍ରକୁ ବିକୃତ କରାଯାଉଛି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଭାରତୀୟ ଜନତାପାର୍ଟିର ହିଟଲରୀ ବାଦକୁ ଦୃଢ଼ ନିନ୍ଦା କରିଥିଲେ। ପରିଶେଷରେ ଏକ ପ୍ରତିନିଧି ଦଳ ପୋଲିସ କମିଶନରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦଣ୍ଡବିଧାନ କରିବାପାଇଁ କଂଗ୍ରେସ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାହାକୁ କାର୍ଯ୍ୟକାରୀ କରିବାପାଇଁ କମିଶନର ପ୍ରତିଶ୍ରୁତି ଦେଇଥିଲେ।




ହଜିଯାଇଥିବା ହରକ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ୍ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ାଗଲା

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ରାଜ୍ୟରେ ବଦଳିବ ସ୍କୁଲ ୟୁନିଫର୍ମ ରଙ୍ଗ ଓ ଡିଜାଇନ୍

**ଭୁବନେଶ୍ୱର,୫।୭: ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି। ବଦଳିବ ସ୍କୁଲ ପୋଷାକ ରଙ୍ଗ। ଚଳିତ ଶିକ୍ଷାବର୍ଷ ୨୦୨୪-୨୦୨୫ ନିମନ୍ତେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡିକରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପୋଷାକ ରଙ୍ଗ ବଦଳିବ। ଜଣକ ପିଛା ୫୦୦ ଟଙ୍କା ମୂଲ୍ୟରେ ୨ ହଳ ବିଦ୍ୟାଳୟ ପୋଷାକ ବଣ୍ଟନ କରାଯିବ। ଆସନ୍ତା ବର୍ଷ ଠାରୁ ସ୍କୁଲ ପୋଷାକର ରଙ୍ଗ ଏବଂ ପରିପାଟିରେ ପରିର୍ତ୍ତନ କରାଯିବ।

ସମସ୍ତ ଛାତ୍ରମାନଙ୍କୁ ଦୁଇ ହଳ ପ୍ୟାଣ୍ଟ ଓ ଧଳାସାର୍ଟ ଯୋଗାଇ ଦିଆଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀମାନଙ୍କୁ ଦୁଇ ହଳ ଫ୍ରକ୍ ଓ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀମାନଙ୍କୁ ଦୁଇ ହଳ କମିଜ୍, ସାଲୱାର ଓ ଓଢ଼ଣୀ ଯୋଗାଇ ଦିଆଯିବ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତର ଅର୍ଥାତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କରାଯାଇଥିବା ପିଲାଙ୍କୁ ତାଙ୍କ ପୋଷାକ ବାବଦରେ ଉଦ୍ଦିଷ୍ଟ ଅର୍ଥ ସେହି ସବୁ ବିଦ୍ୟାଳୟକୁ ପ୍ରଦାନ କରାଯାଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୋଷାକ ବିତରଣ କରାଯିବ। ପୋଷାକର ରଙ୍ଗ ଓ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯିବ। ପୋଷାକ ବଣ୍ଟନ ସମୟରେ ସଠିକ ଭାବେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ନାମ ଶ୍ରେଣୀୱାରୀ ଖାତାରେ ଲିପିବଦ୍ଧ କରାଯିବ। ତେବେ ସମସ୍ତ ଶ୍ରେଣୀର ପୋଷାକ ବଣ୍ଟନ ପ୍ରକ୍ରିୟା ଜୁଲାଇ ୩୦ ତାରିଖ ସୁଦ୍ଧା ଶେଷ କରାଯିବ।

ଚଳିତ ବର୍ଷ ଉପଯୁକ୍ତ ପ୍ରକ୍ରିୟାରେ ଚୟନ କରାଯାଇଥିବା ଟେଲରିଂ ୟୁନିଟରେ ଥିବା ଏସଏଚଜି ତଥା ଗାରମେଣ୍ଟ ମାନୁଫ୍ୟାକଚରିଂ ୟୁନିଟ ଥିବା



ଏମଏସଏମଇ ବିଦ୍ୟାଳୟ ମାନଙ୍କରେ ପୋଷାକ ବଣ୍ଟନ କରିବେ। ଯଦି ଏହି ଦୁଇ ୟୁନିଟ ପୋଷାକ ବଣ୍ଟନରେ ରାଜି ନହୁଅନ୍ତି ତେବେ ବିଦ୍ୟାଳୟ ମାନଙ୍କରେ ଏସଏମସି ପୋଷାକ ବଣ୍ଟନ କରିପାରିବେ। ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ପ୍ରକଳ୍ପ, ଗୋଷ୍ଠୀ ଶିକ୍ଷାଧିକାରୀ ଏହି ପୋଷାକ ବିତରଣ ପ୍ରକ୍ରିୟାକୁ ତଦାରଖ କରିବା ସହ ଏହାର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ପ୍ରତି ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମାର୍ଗଦର୍ଶିକା ଅନୁସାରେ ସମସ୍ତ ପିଲାମାନେ ଉତ୍ତମ ମାନର ପୋଷାକ ପାଇଛନ୍ତି ବୋଲି ଏକ ପ୍ରମାଣପତ୍ର ଦେବେ। ପ୍ରତି ୭ ଦିନ ଅନ୍ତରରେ ପୋଷାକ ବିତରଣ ସମ୍ବନ୍ଧୀୟ ସୂଚନା ସରକାରଙ୍କର ନିକଟରେ ହସ୍ତଗତ ହେବ। ଏନେଇ ଜିଲ୍ଲା ସ୍ତରରେ ତଥ୍ୟ ସଂଗ୍ରହ କରିବେ ଡିଇଓ। ଯଦି ସ୍କୁଲ ପୋଷାକ ବଣ୍ଟନରେ ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବାର ନଜରକୁ ଆସେ ତେବେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ସମସ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମାନଙ୍କୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# କୋଲ୍ ୱାସେରୀ ମାଲିକାନାକୁ ନେଇ ଗୋଷ୍ଠୀ ସଂଘର୍ଷ
## ଫୁଟିଲା ଶତାଧିକ ଗୁଳି , ୧୫ ଅଟକ

**ରାଉରକେଲା,୦୫।୦୭ ନ୍ୟୁଜ୍‌ବ୍ୟୁରୋ**

ହେମଗିରିରେ ବଡ଼ ଧରଣର ଗୁଳିକାଣ୍ଡ ଘଟଣା ଘଟିଛି। ଏହାସହ ବୋମାମାଡ଼ ହୋଇଥିବା ନେଇ ଜଣାପଡ଼ିଛି। ହେମଗିରି ଅଞ୍ଚଳରେ ବର୍ତ୍ତମାନ ଚାପା ଉତ୍ତେଜନା ଦେଖାଦେଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ଗ୍ୟାଙ୍ଗୱାର ଦେଖିବାକୁ ମିଳିଛି। ଗୁଳିଚାଳନା ସହ ବ୍ୟାପକ ବୋମାମାଡ଼ ହୋଇଛି। ସୂଚନା ଅନୁସାରେ, ଗୁରୁବାର ରାତିରେ ହେମଗିରି ଥାନା ଗର୍ଜନବାହାଲ ଅଞ୍ଚଳରେ କୋଲ୍ ୱାସେରି ମାଲିକାନାକୁ ନେଇ ଗଣ୍ଡଗୋଳ ହୋଇଥିଲା। ସୀମାନ୍ତ ଛତିଶଗଡ଼, ରାଇଘର ଓ ସୁନ୍ଦରଗଡ଼ର ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ସହ ଖଣ୍ଡା ବୁଲିଥିଲା। ଏହାସହ ବହୁ ରାଉଣ୍ଡ ଗୁଳିଚାଳନା ହୋଇଥିବା ସୂଚନା ମିଳିଛି। ଏପରିକି କୋଲ ୱାସେରୀ ପ୍ଲାଣ୍ଟରେ ବ୍ୟାପକ ଭଙ୍ଗାରୁଜା କରାଯାଇଛି। ଘଣ୍ଟାଏ ଧରି ଦୁଇ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ ଓ ଗୁଳିଚାଳନା କରିବାରୁ ଅନେକ ଯୁବକ ଆହତ ଏବଂ ଗୁରୁତର ମଧ୍ୟ ହୋଇଛନ୍ତି।

ସୂଚନା ଅନୁସାରେ, ପ୍ରାୟ ୧୦ ରୁ ୧୨ ଆହତଙ୍କୁ ଛତିଶଗଡ଼ ଓ ରାଇଘର ଡାକ୍ତରଖାନା ନିଆଯାଇଛି। ଜଣକୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଉଛନ୍ତି ଭବାନୀପୁରର ମଞ୍ଜୁ ତୋଲାନି (୩୭)। ସୂଚନା ମୁତାବକ, କୋଲ୍ ୱାସେରୀର ମାଲିକାନାକୁ ନେଇ ବହୁ ବର୍ଷ ଧରି ରାଇଘରର ଦୁଇ ମାଲିକଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିଲା। ଜଣେ ମାଲିକ କୋଲ୍ ୱାସେରୀରେ ତାଲା ପକାଇ ଦେଇଥିବାବେଳେ ଅନ୍ୟ ଜଣେ ଏହାକୁ ଖୋଲିବାକୁ ଉଦ୍ୟମ କରିଥିଲେ। ଗୁରୁବାର ରାତିରେ ଦୁଇ ଗୋଷ୍ଠୀ ୱାସେରୀରେ ସାମ୍ନାସାମ୍ନି ହୋଇଥିଲେ। କଥା କଟାକଟି, ପାଟିତୁଣ୍ଡରୁ ମାରପିଟ୍ ଆଡ଼କୁ କଥା ଯାଇଥିଲା। ଲୁହା ରଡ୍, ବାଡ଼ିରେ ଆକ୍ରମଣ ସହ ବହୁ ମାତ୍ରାରେ ଗୁଳିଚାଳନା, ବୋମା ମାଡ଼ ଓ ଅଫିସ ଭଙ୍ଗାରୁଜା ଆଦି ହୋଇଥିଲା।

ମାରପିଟରେ ସାମିଲ ସୁନ୍ଦରଗଡ଼ର କିଛି ଯୁବକଙ୍କ ମଧ୍ୟରୁ କେତେ ଜଣ ଆହତ ହୋଇଥିବା ବେଳେ ଜଣକୁ ଅପହରଣ କରି ରାଇଘର ନିଆଯାଇଥିବା କୁହାଯାଉଛି। ଖବର ପାଇ ସୁନ୍ଦରଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ବେହେରାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ନେଇଛନ୍ତି । ତେବେ ଏହି ଘଟଣାର ତଦନ୍ତ ପାଇଁ ପୋଲିସର ଏକ ଟିମ୍ ରାଇଘର ଯାଇ ଘଟଣାର ତନାଘନା କରୁଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ରହିଛି। ଏହି ଘଟଣାରେ ୧୫ ଜଣଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି। ସେପଟେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

# ମେରାଇନ୍ ଡ୍ରାଇଭରେ ଟିମ୍ ଇଣ୍ଡିଆର ବିଜୟ ଶୋଭାଯାତ୍ରାରେ ଦଳାଚକଟା : ୧୧ ଆହତ

**ମୁମ୍ବାଇ,୦୫।୦୭**

ଗୁରୁବାର ମେରାଇନ ଡ୍ରାଇଭରେ ଟିମ୍ ଇଣ୍ଡିଆର ବିଜୟ ଶୋଭାଯାତ୍ରାରେ ଦଳାଚକଟା ଘଟି ୧୧ଜଣ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଚିକିତ୍ସା ଜିଟି, ସେଣ୍ଟ ଜର୍ଜ, ନାୟର ଓ କାମା ହସ୍ପିଟାଲରେ ଚାଲିଛି। ଆହତଙ୍କ ମଧ୍ୟରେ ଗର୍ଭବତୀ ମହିଳା ବି ଅଛନ୍ତି, ତାଙ୍କୁ କାମା ହସ୍ପିଟାଲରେ ଆଇସିୟୁରେ ରଖାଯାଇଛି ।

ଟିମ୍ ଇଣ୍ଡିଆର ବିଶ୍ୱବିଜେତା ଖେଳାଳି ଗୁରୁବାର ମୁମ୍ବାଇରେ ପହଞ୍ଚିଥିଲେ। ଏହି ଖେଳାଳିଙ୍କୁ ମୁମ୍ବାଇ ଏୟାରପୋର୍ଟରୁ ନରିମନ ପଏଣ୍ଟ ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ହୋଇଥିବା ପ୍ରଶଂସକମାନେ ସ୍ୱାଗତ କରିଥିଲେ। ଏହାପରେ ଟିମ୍ ଇଣ୍ଡିଆର ଖେଳାଳି ଏକ ଓପନ ବସରେ ମେରାଇନ ଡ୍ରାଇଭରୁ ୱାଙ୍ଖଡେ ଷ୍ଟାଡିୟମ ଯାଏ ବିଜୟ ଶୋଭାଯାତ୍ରାରେ ବାହାରିଥିଲେ। ଏହି ସମୟରେ ଜମା ହୋଇଥିବା ଲକ୍ଷଲକ୍ଷ ପ୍ରଶଂସକଙ୍କ ଭିତରେ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୧ଜଣ ଲୋକ ଆହତ ହୋଇଛନ୍ତି।